
ଏପ୍ରିଲ ୨୦୧୪

୨୪ ଟଙ୍କା

www.pracheevoice.com

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ



ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

ସମ୍ପାଦକ :

ଡ. ବିଭୁଦତ୍ତ ଖଣ୍ଡାୟତରାୟ



ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ପ୍ରଥମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗରେ ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଋଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

# ଓଁ 'ପ୍ରାଚୀ'ର କଲମ ୫୦

ପ୍ରାଚୀର ଗୋଟିଏ ଜିଦ୍ ଆମେ ମାଙ୍କଡ଼ମାନଙ୍କୁ ପାଠ ପଢ଼ାଇବା । ମୁଁ ସବୁବେଳେ ତା ଜିଦ୍ ଆଗରେ ହାର ମାନେ । ସେ ଭୁଲ କହିଲେ ବି ମୁଁ ତାକୁ ମୁଣ୍ଡପାତି ଶୁଣେ ଏବଂ ତା ବିଷୟରେ ବହୁତ ଭାବେ । କାରଣ ତା' ପ୍ରତି ବିଶ୍ୱାସ ଏବଂ ଭଲପାଇବା ଏତେ ଥାଏ ଯେ, ମୁଁ ସବୁବେଳେ ତାଭୁଲ୍‌ରୁ ଠିକ୍‌କୁ ଖୋଜି ବୁଲେ । ସେମିତି ଏହି ମାଙ୍କଡ଼ କଥା ମୁଁ ଭାବି ଭାବି ବହୁଦିନ ବିତିଗଲା । ମନକଥା ମନରେ ରହିଲା । ମନକୁ ପୁଣି ଆସିଲା, ଯଦି ମାଙ୍କଡ଼ମାନଙ୍କୁ ପଢ଼ାଇପାରିବା ନାହିଁ, ଆମେ କ'ଣ ମାଙ୍କଡ଼ ପାଇଁ କଥା କହିପାରିବା ନାହିଁ ? ତେଣୁ ପ୍ରାଚୀର କଥାରୁ 'ପ୍ରାଚୀ' ର ସୃଷ୍ଟି ହେଲା । ଏହି ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତର ମାନଙ୍କ ପାଇଁ ଏକ ଆଶର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ଏହି ପତ୍ରିକାର ପ୍ରଥମ ସୃଷ୍ଟିରେ ୧୨ଟି ଚରିତ୍ରର ହୃଦୟୋଚ୍ଛାସ ଦିଆଯାଇଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ❑ ମୁଁ ମଳୟ ପବନ କହୁଛି । ସଖାଳୁ ସଖାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସଖାଳୁ, ସଖାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡେ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-1, April, 2015, Issue No. I

Title Code : ODIODI07446

## ପ୍ରାଚୀ ପରିବାର :

ଉପଦେଷ୍ଟା :
**କୃଷ୍ଣ ଚନ୍ଦ୍ର ଦାସ**

ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**

ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**

ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**

ଡିଟିପି :
**ମନୋଜ କୁମାର ଦାସ**

ପ୍ରଚ୍ଛଦ :
**ଶକୁନ୍ତଳା ଘଡ଼େଇ**

ଅଳଙ୍କରଣ :
**ବିଜୟ କୁମାର ସାହୁ**

ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**

ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**

ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**

ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

**Declaration**
**Edited & Published by :**
**Dr. Bibhudatta Khandayatray**
Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.com

# ଏଇ ସଂଖ୍ୟାରେ...

❑ ଅଭିଶପ୍ତା
ଡଃ. ନିରୋଦ କୁମାର ମନ୍ତ୍ରୀ ... ୫

❑ ଭଙ୍ଗାଘର ଅଭଙ୍ଗା ମନ
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର ... ୯

❑ ମନ ବୁଝେ ମନର କଥା
ସୁପ୍ରିୟା ସାହୁ ... ୧୨

❑ ଅଦେଖା ସ୍ୱପ୍ନ
ସୌଦାମିନୀ ଦାସ ... ୧୪

❑ ଅସପନ ବଣିକ : ନଳିଆ
ଡ.ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ ... ୧୬

❑ ବଉଳାର ବିଳାପ
ଡ.ନିରଞ୍ଜନ ସାହୁ ... ୧୮

❑ ଦୁର୍ବାର
ମମତା ଖଣ୍ଡାୟତ ରାୟ ... ୨୨

❑ ସମୟ ସ୍ରେତାର ଜୀବନ
ବିଭୁଦତ୍ତ ଖଣ୍ଡାୟତ ରାୟ ... ୨୪

❑ ପକ୍ଷୀ ମୁଁ, ନୁହେଁ କି ତୁମର
ପ୍ରାଚୀ ପ୍ରଯୁକ୍ତା ... ୨୮

❑ ତୁମ ପରିବେଶ ତୁମରି ହାତେ
ବିସ୍ମୟୀ ସାହୁ ... ୩୧



# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ ।
- ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ ।
- ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ । ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ ।
- ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ ।
- ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**ଏହାକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................

ଜିଲ୍ଲା.................................................. ପିନ୍‌କୋର୍ଡ଼ ..............................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ ..............................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ମନିଅର୍ଡର)**

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.com

# ଅଭିଶପ୍ତା

ଡଃ. ନିରୋଦ କୁମାର ମନ୍ତ୍ରୀ

**ଗାଁ** ଟା ଯାକ ଲୋକ ସମସ୍ତେ ବ୍ୟସ୍ତ ! ନୂଆ ପୋଷାକରେ ଛୋଟ ପିଲାଠାରୁ ବୁଢ଼ାବୁଢ଼ୀ ପର୍ଯ୍ୟନ୍ତ ଆନନ୍ଦରେ ନାଚି ଯାଉଛନ୍ତି । ମାଇକ୍‌ରୁ ବାହାରି ଆସୁଛି ପୁରୁଣା ଭଜନ ଠାରୁ ଆରମ୍ଭ କରି ଆଧୁନିକ ଭଜନ ପର୍ଯ୍ୟନ୍ତ । ଅଭିଆଡି ଝିଅମାନେ ନିଜକୁ ସଜେଇ ହୋଇ ଦର୍ପଣ ସମ୍ମୁଖରେ ବାରଂମ୍ବାର ମୁହଁ ଦେଖୁଛନ୍ତି । ଯାତରା ପଡ଼ିଆରେ ବେଲୁନ୍ ବାଲା, ବୁଟ ବାଲା, ଗୁପ୍‌ଚୁପ୍ ବାଲା, ଚାଟ୍ ବାଲା, ବରାପିଆଜି ବାଲାଙ୍କ ଭିଡ଼ ଜମିଗଲାଣି । ଛୋଟପିଲା ଗୁଡ଼ାକ ଘରୁ ଜିଦ୍‌କରି ଯେଉଁ ଦୁଇଅଧଟଙ୍କା କି ଦଶଟଙ୍କା ଆଣିଥିଲେ ସବୁ କିଣା କିଣିରେ ବ୍ୟସ୍ତ । ମନେ ହେଉଛି ଗାଁ ଟା ଆଜି ଆନନ୍ଦରେ ଫାଟି ପଡୁଛି । ସବୁରି ମୁହଁରେ ହସ, କିନ୍ତୁ ହସ ନାହିଁ ମାଧବୀର । ଗାଁର ସବୁ ଆନନ୍ଦ ତା' ପାଇଁ ବନ୍ଦ, ଅବଶ୍ୟ ଚୌଧୁରୀ ବଂଶର କୁଳବଧୂ ସିଏ । ତା'ର ତ ପୁଣି ସଂସ୍କାର ରହିବା ସ୍ୱଭାବିକ । ନହେଲେ ଗାଁ ଲୋକେ ଭାବିବେ କ'ଣ ? କିନ୍ତୁ ଦୁଇବର୍ଷ ହେଲା ବାହା ହୋଇଛି । ସେ ବି ତା' ଗାଁ ମଧୁପୁରରେ ଥିବାବେଳେ ଏମିତି ଅନେକ ଯାତରାରେ ଭାଗନେଇଛି, ହସିଛି, ଖେଳିଛି, ନାଚିଛି ।

ମଧୁପୁର ଗାଁ ର ଜମିଦାର ମଙ୍ଗୁଳି ବାବୁଙ୍କ ଏକମାତ୍ର ଝିଅ ଥିଲା ମାଧବୀ । ଅଚଳାଚଳ ସମ୍ପତି । ଗୋଟିଏ ଝିଅ । ଭଗବାନ କୁଳ ରକ୍ଷାପାଇଁ ପୁଅଟିଏ ଦେଇନଥିଲେ । ସେଥିରେ ମଙ୍ଗୁଳି ବାବୁ ଦୁଃଖିତ ନଥିଲେ । ତାଙ୍କ ପାଇଁ ମାଧବୀ ଥିଲା ପୁଅ ପରି । ଯେତେବେଳେ ଯାହା ମାଗିଥାଏ ମାଧବୀ, ତାହା ତତ୍‌କ୍ଷଣାତ୍ ମିଳିଯାଏ । କ'ଣ ବା ଅଭାବ ? ଗାଁରେ ଯାତରା ହେଲାବେଳେ ସବୁ ଜିନିଷ ଯାତରା ପଡ଼ିଆରୁ କିଣିଆଣେ ମାଧବୀ । ଘର ଭରିହୋଇଯାଏ ରଙ୍ଗ ବେରଙ୍ଗର ପେଁକାଳି, ଖେଳଣାରେ । ସାଙ୍ଗସାଥୀମାନଙ୍କ ସଙ୍ଗରେ ଖେଳଣା ନେଇ ଦିନ ତମାମ ଖେଳିଥାଏ । ଏମିତି ଖେଳ କେବଳ ବାପଘରେ ସିନା, ତାହା କ'ଣ ଶାଶୁଘରେ ହେବ । ବାପଘରର ସାଧୀନତା କ'ଣ ଶାଶୁଘରେ ମିଳେ ?

ବିବାହ ବୟସ ହେବାରୁ ମଙ୍ଗୁଳିବାବୁ ଝିଅକୁ ବିବାହ ବନ୍ଧନରେ ବାନ୍ଧି ଦଅନ୍ତି ଗାଁ ପାଖ ହରିପୁର ଗାଁର ଭୀମ ଚୌଧୁରୀଙ୍କ ପୁଅ ସଙ୍ଗେ । ଚୌଧୁରୀ ବାବୁଙ୍କ ପୁଅ ଦେଖିବାକୁ ରାଜକୁମାର ପରି । ରୂପ ଯେମିତି ଗୁଣ ସେମିତି, ମାଧବୀ ଓ ଚୌଧୁରୀବାବୁଙ୍କ ପୁଅ ହେମନ୍ତ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ହେମନ୍ତର ସ୍ନେହ ଓ ଭଲପାଇବାରେ ମାଧବୀ ଭୁଲିଯାଇଥିଲା ପିତୃସ୍ନେହ । ବିବାହ ପୂର୍ବରୁ ନାହେକେ କହୁଥିଲେ ଦୁଇଜଣଙ୍କର ରାଜଜୋଟକ, ପ୍ରକୃତରେ ସତ୍ୟ । ରାଜଜୋଟକ ନହେଲେ ଏଭଳି ସ୍ନେହ ଓ ପ୍ରେମ ଆସନ୍ତା ବା କାହୁଁ ? ବୋଧହୁଏ ଭଗବାନ ଏହି ସ୍ନେହକୁ ସହି ପାରିଲେନି । ବିବାହର ବର୍ଷେ ନପୁରୁଣ କେଉଁ ଏକ ଅଜଣାରୋଗରେ ଆରପାରିକୁ ଚାଲିଗଲେ ହେମନ୍ତ । ପରମ୍ପରା ଅନୁସାରେ ମାଧବୀ ହେଲା ବିଧବା । ସଧବାର ଆନନ୍ଦ ବିଧବାର ଯନ୍ତ୍ରଣା ନିକଟରେ ତୁଛ ମନେହେଲା । ସବୁଥାଇ ନଥିବାର ଅନୁଭବ କଲା ମାଧବୀ ।

ଏହି ବୈଧବ୍ୟର ପାଚେରୀ ଭିତରେ ସୀମାବଦ୍ଧ ହୋଇ ଅଣନିଶ୍ୱାସୀ ଜୀବନ ବିତାଉଛି ମାଧବୀ । ସଧବା ସମୟର ମାଧବୀ ଚେହେରାରେ କିଛି ପାର୍ଥକ୍ୟ ଆଣିନି ବିଧବାର ସମୟ କିନ୍ତୁ ମନରେ ଆଣିଛି ଅନେକ । ସେଥିପାଇଁ ଗାଁଟା ଯାକ ଆନନ୍ଦରେ ନାଚି ଉଠୁଥିବା ବେଳେ ମାଧବୀ ଘର କୋଣରେ ଆଖି ଲୁହ ଆଖିରେ ମାଡ଼ି ବସିଛି ନିସ୍ତେଜ୍ ହୋଇ । ଅବିବାହିତ ସମୟର ସବୁକିଛି ହସଖୁସି ଯେମିତି ଉଭେଇଯାଇଛି । ନିର୍ମଳ ଅକାଶର ଶୋଭା ପ୍ରତ୍ୟେକଙ୍କୁ ଆନନ୍ଦ ଦିଏ, କିନ୍ତୁ ମେଘଭରା ଆକାଶ କ'ଣ କାହାକୁ ଆନନ୍ଦ ଦିଏ ? ବଜ୍ରପାତର ଭୟ ସମସ୍ତଙ୍କୁ ଭୟଭୀତ କଲାପରି, ମାଧବୀର ବୈଧବ୍ୟ ପ୍ରତ୍ୟେକଙ୍କୁ ଭୟଭୀତ କରୁଥିଲା । ବିଧବାର କୁଆଡେ ଖୁସି ନାହିଁ । ସେ ନିଜ ସ୍ୱାମୀକୁ ଖାଇଛି । ତା'ର ପୁଣି ଖୁସି କ'ଣ ? ସେ ଗୋଟାଏ ଅଭିଶପ୍ତା, ଶୁଭକାର୍ଯ୍ୟ ତା' ପାଇଁ ମନା । ସେ ଧଳା ଶାଢ଼ୀର ଶୁଭ୍ରତା ଭିତରେ ମନ ଦୁଃଖର




କାଳିମାକୁ ଘୋଡ଼ାଇ ରଖିଥାଏ । ଏହିଭଳି ମାଧବୀର ଜୀବନ । ଯାତରା ପଡ଼ିଆ ନାଚଗୀତରେ କମ୍ପୁଥାଏ । କିନ୍ତୁ ମାଧବୀ ଘର ଭିତରେ ଏକା ଏକା ରହି ଦୁଃଖର ଦାବାନଳରେ ଜଳୁଥାଏ । ବୟସ କୋଡ଼ିଏ, ଯେଉଁ ବୟସର ଯୁବତୀମାନେ କେତେଯେ ହସଖୁସି ନହୁଅନ୍ତି । କିନ୍ତୁ ତା ପାଇଁ ସବୁକିଛି ମନା । ଯେଉଁ ଦିନଠାରୁ ତା' ମଥାରୁ ସିନ୍ଦୂର ଲିଭିଯାଇଥିଲା, ହାତର କାଚ ତୁଟି ଯାଇଥିଲା, ରଙ୍ଗିନ୍ ପୋଷାକ ବଦଳେ ପିନ୍ଧିଥିଲା ଧଳାଲୁଗା ଖଣ୍ଡେ । ଅସରନ୍ତି ଲୁହଧାର ଥିଲା ତା'ପାଇଁ ଚିର ସହଚର । ହୃଦୟର ଯୌବନ ଫିକା ପଡ଼ିଯାଇଥିଲା ।ଏମିତି ଏକ ବର୍ଷ ହେଲା ସମୟ ଚକ୍ରରେ ପେଶି ହୋଇଆସିଛି ମାଧବୀ ।

ଯାତ୍ରା ପଡ଼ିଆରେ ମାଧବୀର ଅନୁପସ୍ଥିତିକୁ ଅନୁଭବ କରିପାରିଥିଲା ବିଭୁ । ବୟସ ୨୫ । ସହରରେ ପାଠପଢ଼ୋ ଭଦ୍ର ଯେମିତି ଶାନ୍ତ ସେମିତି, ଗୁଡାଏ ପାଠ ପଢ଼ିଛି ବୋଲି ମନରେ ଅହଙ୍କାର ନାହିଁ । ଓ.ଏ.ଏସ୍. ପରୀକ୍ଷା ଦେଇ ଗାଁ କୁ ଆସିଛି । ହେମନ୍ତର ଅନ୍ତରଙ୍ଗ ବନ୍ଧୁ ବିଭୁ । ହେମନ୍ତର ବିବାହ ସମୟରେ ବିଭୁ ବରଯାତ୍ରୀ ହୋଇ ମାଧପୁର ଯାଇଥିଲା। ମାଧବୀକୁ ପ୍ରଥମେ ସେ ଦେଖିଥିଲା । ହସହସ ମୁହଁ ଦେଖି ହେମନ୍ତକୁ ଭଲ ପିଲାଟିଏ ପାଇଛୁ ବୋଲି କହିଥିଲା । ହେମନ୍ତଙ୍କ ଘରେ ସେ କେତେଥର ମାଧବୀ ସହ କଥାହୋଇଛି । କିନ୍ତୁ ହେମନ୍ତ ଚାଲିଗଲା ପରେ ମାଧବୀ ମୁହଁରୁ କେମିତି ସେ ସବୁ ହସ ଲିଭିଯାଇଥିବାର ବିଭୁ ଅନୁଭବ କରିଛି । ବିଭୁ ମନେ ମନେ ଏସବୁକୁ ନେଇ ନିଜ ଭିତରେ ଅନେକ ପ୍ରଶ୍ନ କରିଛି ?

କାହିଁକି ଏ ସମସ୍ତ ପରମ୍ପରା ଆମ ଭିତରେ ବାନ୍ଧିହୋଇ ରହିଛି ? କାହିଁକି ଗୋଟିଏ ପଦ୍ମପାଖୁଡାର ହସକୁ ବୈଧବ୍ୟର କାଳର ବିନ୍ଦୁ ନଷ୍ଟକରି ଦେଉଛି ? ଯଦି ପୁରୁଷର,

ସ୍ତ୍ରୀ ମରିଗଲା ତେବେ ପୁରୁଷ ଯଦି ନୂଆ ଘର ସଂସାର କରି ଖୁସିରେ ରହିପାରୁଛି, ତେବେ ନାରୀ ଜାତିକ୍ଷେତ୍ରରେ ତାହା କାହିଁକି ବାଧକ ସାଜିଛି ? ବିପତ୍ନିକ ଯଦି ପୁନର୍ବାର ସମାଜରେ ଖୁସିରେ ରହିପାରେ, ତେବେ ବିଧବା କାହିଁକି ରହିପାରେନା ? ନା ଏହା ଠିକ୍ ନୁହେଁ ? ସମାଜର ଏହି ଅନ୍ଧବିଶ୍ୱାସରେ ଅନେକ କଳିକା ଅସମୟରେ ବୃନ୍ତଚ୍ୟୁତ ହୋଇପଡୁଛନ୍ତି । କିନ୍ତୁ ଏ ପ୍ରଶ୍ନର ସମାଧାନ କ'ଣ ?



ଏମିତି ବାରମ୍ବାର ଭାବେ ବିଭୁ, ଦୁଃଖରେ ଭାଙ୍ଗିପଡେ । ସମାଜର ବଡ଼ପଣ୍ଡାମାନଙ୍କ ପ୍ରତି ତା ହୃଦୟରୁ ଆସିଥାଏ ନାହିଁନଥିବା ଘୃଣା । କିନ୍ତୁ ଏତେବଡ଼ ଅନ୍ଧ ବିଶ୍ୱାସର ଗଛଟାକୁ କ'ଣ ସେ ଏକା ଟାଳି ପାରିବ । ଦୀର୍ଘଶ୍ୱାସ ମାରିଥାଏ ବିଭୁ । ମାଧବୀର ଅନୁପସ୍ଥିତି ତାକୁ ଅଣନିଶ୍ୱାସୀ କରିଥାଏ । ଶେଷକୁ ସେ ଟାଳି ଟାଳି ହୋଇ ମାଧବୀପାଖକୁ ଯାଏ । ତା'ପୁଣି ସଂଯତ ସହକାରେ । ନଚେତ୍ ମାଧବୀର ଦୁଃଖ ପୁଣି ଅଧିକ ବଢ଼ିଯିବାର ସମ୍ଭାବନା ଥାଏ । ଯାଇ ଦେଖିଛି ମାଧବୀ ବସିଛି । ଏକାଲୟରେ ଚାହିଁ ରହିଛି କୃଷ୍ଣଚୂଡ଼ା ଗଛରେ ବସିଥିବା କପୋତ-କପୋତୀକୁ । କପୋତ-କପୋତୀ ପରସ୍ପରକୁ ଚୁମ୍ବନ ଦେଉଛନ୍ତି । କିନ୍ତୁ ସନ୍ଧ୍ୟା ପୂର୍ବରୁ, ତା'ପରେ ତାଙ୍କର ବିଛେଦ । ଏହା ତ ବିଧିର ବିଧାନ । ମାଧବୀର ଆଖିଦୁଇଟିରୁ ବହିଚାଲେ ଲୋତକର ଧାରା । ବିଭୁର ଭାଉଜ ଡାକ ପଦରେ, ମାଧବୀ ପ୍ରକୃତିସ୍ଥ ହୋଇଯାଇଛି ।

– ବିଭୁ ! ତୁମେ କେତେବେଳୁ ଆସିଲଣି ?

– ତୁମେ ଯେବେ ଠାରୁ କପୋତ-କପୋତୀଙ୍କୁ ଦେଖି ଭାବୁକ ପାଲଟି ଯାଇଥିଲ ?

– ନାଁ ବିଭୁ ! ମୋର ଆଉ ଭାବୁକ ହେବାର ବୟସ ନାହିଁ ? କେବଳ ଚିନ୍ତାକରୁଥିଲି ? କେତେ ଖୁସି କପୋତ-କପୋତୀଙ୍କର, କିନ୍ତୁ ସନ୍ଧ୍ୟା ହେବାକ୍ଷଣି ଏମାନଙ୍କର ବିଚ୍ଛେଦ । କି କଷ୍ଟ ସତେ ଏମାନଙ୍କର ଜୀବନ । କେଉଁ ବିଧାତାଙ୍କର ଏହା ବିଧି ।

– ତୁମ କଥା !

– ଛାଡ଼ ବିଭୁ ! ଆମେ ତ ମଣିଷ ! ଆମର ନିୟମ କାନୁନ୍ ସମାଜ ଗଢ଼େ। ଯାହା ଗଢ଼ିବ ତାହା ମାନିବାକୁ ଆମେ ବାଧ୍ୟ । ନମାନିଲେ କଳଙ୍କିନୀ, ବେଶ୍ୟା, ଏମିତି ଅନେକ ଶବ୍ଦର ବୋଝ ନେଇ ଜୀବନସହ ଲଢ଼ିବାକୁ ପଡ଼ିବ ।

– ତୁମେ କ'ଣ ଏମିତି ସହିଚାଲିଥିବ ଜୀବନ ସାରା !

– ସବୁକିଛି ସହିବା ହେଉଛି ବିଧବା ନାରୀର ପରିଚୟ । ଯେମିତି କାହାର ବିବାହରେ ଆମେ ଯୋଗ ଦେଇପାରିବୁନି, ଶୁଭ କାର୍ଯ୍ୟରେ ଆମେ ଲୁଚିରହିବୁ । ଆମେ କୁଆଡ଼େ ଅଲକ୍ଷଣୀ, ସାମୀଖାଇ, ଆମର ଉପସ୍ଥିତ ସବୁକିଛି ଶୁଭକାର୍ଯ୍ୟକୁ ଅଶୁଭ କରିଦିଏ । ସେଥିପାଇଁ ଅନ୍ଧାର ଘର ଭିତରେ ରହି ଝରକାରେ ଶୁଭାକାର୍ଯ୍ୟ ଦେଖୁ । ଦିନର ଆଲୋକ ଆମପାଇଁ ସପ୍ନ । ଆମେ ଅନ୍ଧକାରର ପେଚା । ଆମେ ଅଶୁଭ । ଏମିତି ହୃଦୟରେ କୁହୁଳୁଥିବା ବାସ୍ତବ ସତ୍ୟକୁ ଏକା ନିଶ୍ୱାସକେ

ଅଜାଡ଼ିଦେଲା  ବିଭୁ ସମ୍ମୁଖରେ ମାଧବୀ । ବିଭୁ କେବେଳ କାବ୍‌ବା ହୋଇ ଶୁଣୁଥାଏ । ଏହି ନିରୀହ ଜୀବନର କାହାଣୀ ।

ତା' ଭିତରେ ଏସମସ୍ତ ଘଟଣା ଯେଭଳି ତୀକ୍ଷ୍ଣ ଛୁରିକା ଭେଦପରି ମନେହେଉଥାଏ । କିଛି କହି ଆସିବା ବେଳକୁ ମାଧବୀର ଭୋ ଭୋ କାନ୍ଦରେ ବିଭୁ ନିର୍ବାକ ହୋଇଯାଇଥିଲା । ଅନୁଭବ କରୁଥାଏ, ସତେଯେପରି ମାଧବୀର ଦୁଃଖର ବରଫ ପାହାଡ଼ ଟା ହଠାତ୍ ତରଳି ଗଲାପରି ।

– ତୁମେ କାନ୍ଦନା ଭାଉଜ !

– କାନ୍ଦିବାଟା ବାରିହୁଏ ହସଥିଲେ ବିଭୁ ! ଏବେତ ମୋ ପାଇଁ କାନ୍ଦିବା ଟା ଉଭୟ ହସ ଓ କାନ୍ଦ, ଖାଲି କେବଳ ଗୋଟାଏ ମାଦଳପରି ଖାଇପିଇ ଜୀବନ ନିର୍ବାହ କରୁଛି । ଅପେକ୍ଷା କେବଳ ବୟସର ଆଘାତକୁ ।

– ଘରେ କ'ଣ ତୁମର କୌଣସି କଥା ବୁଝୁ ନାହାନ୍ତି ?

– ହଁ ବୁଝୁଛନ୍ତି ! ଯେମିତି ପିଞ୍ଜରା ଆବଦ୍ଧ ଶୁଆ । ଭଲ କୋଳି, କ୍ଷୀର, ମିଠା ସବୁମିଳେ । ଶୁଆ ବି ଭଲ ରାମ ନାମ କହେ । ମା' ବାପା, ଭାଇ, ସବୁ କହେ । ପିଞ୍ଜରା ଭିତରେ ପର ଫଡ଼ ଫଡ଼ କରିଉଡେ । କିନ୍ତୁ ଆମେ ଭାବୁ ଆମ ଶୁଆଟା କେତେ କଥା କହିଲାଣି । କିନ୍ତୁ ଶୁଆର ମନର କଥା କ'ଣ କେହି ଜାଣିପାରେ ?

ବିଭୁ ଏ ସମସ୍ତ ଶୁଣି ଦୁଃଖରେ ଭାଙ୍ଗିପଡେ, ଯେତେବୁଝାଇଲେ ବି ମାଧବୀ ଯାତ୍ରାଦେଖିବାକୁ ରାଜି ହୁଏ ନାହିଁ । କାହିଁକି ନା ତା ପାଇଁ ଯାତ୍ରା ଦେଖିବା ମନା – ଭଗ୍ନ ହୃଦୟ ନେଇ ବିଭୁ ଫେରିଆସେ । ହୃଦୟରେ ଅନେକ ଭାବନା ଜମାଟ ବାନ୍ଧେ । ବିପ୍ଳବର ବହ୍ନି ପ୍ରଜ୍ୱଳିତ ହୋଇଯାଏ ବିଭୁର ହୃଦୟ ସାରା, ଯାତ୍ରାର ମାଇକି ଶବ୍ଦ ତା' ମନକୁ ଛୁଇଁ ପାରୁନଥାଏ, ପିଲାମାନଙ୍କର ପେଁକାଳି ଶବ୍ଦ ତାକୁ ବ୍ୟସ୍ତ କରୁନଥାଏ, ଏକ ମୁହାଁ ହୋଇ ଚାଲୁଥାଏ କିଛି ନୂତନ ସୃଷ୍ଟିର ଅନ୍ୱେଷଣରେ। ଯେଉଁ ସୃଷ୍ଟିରେ ନଥିବ ଏହି ଅନ୍ଧବିଶ୍ୱାସର କାଳିମା ।

ହଠାତ୍ ଏକ ହାବେଳି ବାଣର ବିକଟାଳ ଶବ୍ଦରେ ବିଭୁ ପ୍ରକୃତିସ୍ଥ ହୋଇଯାଇ ଦେଖେ ଯାତ୍ରା ପଡ଼ିଆରେ ତା'ର ଉପସ୍ଥିତି କୁ । ଆଲୁଅରେ ଆଖି ଖୋସି ହୋଇଯାଉଥାଏ । ବରା, ପିଆଜିର ବାସ୍ନାରେ ଚାରିଆଡ ଫାଟିପଡୁଥାଏ । ପିଲାମାନଙ୍କର ନାଚକୁଦରେ ବାପା ମା'ମାନେ ବେଶ ଆନନ୍ଦ ଅନୁଭବ କରୁଥାନ୍ତି ।

ଓଡ଼ିଆ ଅଧ୍ୟାପକ
କଟକ
ଯୋଗାଯୋଗ - ୯୪୩୯୨୫୩୦୬୫

●

# ଭଙ୍ଗାଘର ଅଭଙ୍ଗା ମନ

ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର

ସମ୍ପର୍କ ଏକ ସ୍ନେହର ଦଉଡ଼ିର ବନ୍ଧା ହୋଇ ଥାଏ "ସେଥିରେ ନଥାଏ ସ୍ୱାର୍ଥ, ପରଶ୍ରୀକାତରତା, ନଥାଏ ବେଶୀ, କମ୍ ତଉଲିବାର ତରାଜୁ" କିନ୍ତୁ ଯଦି ଏହି ସଂପର୍କ ଭିତରେ ସ୍ୱାର୍ଥପରତା ପଶିଯାଏ ତେବେ ଏହା ହୋଇଯାଏ ଏକ କିଣାବିକାର ସଉଦା ।

ସେଦିନ ଭାରାକ୍ରାନ୍ତ ସ୍କୁଲ ବ୍ୟାଗକୁ କାନ୍ଧରେ ପକାଇ ଦୌଡ଼ି ଦୌଡ଼ି ସ୍କୁଲ ଗେଟ୍ ପାଖକୁ ଆସୁଥିଲା ଛଅ ବର୍ଷଞ୍ଚବୟସର ପିଲାଟିଏ । ସ୍କୁଲ୍ ଗେଟ୍ ପାଖରେ ନିର୍ଣ୍ଣିମେଷ ନୟନରେ ଖୋଜିଥିଲା ତାର ବାପା ଅନୀକେତଙ୍କୁ । କେତେବେଳୁ ସ୍କୁଲର ଛୁଟି ବେଲ୍ ବାଜି ସାରିଲାଣି । ସବୁ ପିଲାମାନେ ପ୍ରାୟ ଯିଏ ଯାହା ସାଙ୍ଗରେ ଚାଲିଗଲେଣି କିନ୍ତୁ ଏକାକୀ ଠିଆ ହୋଇ ରହିଛି ପିଲାଟି । କେତେବେଳେ ବାପା ଆସିବେ ? ନାଲିରଙ୍ଗର ଗାଡ଼ିଟିକୁ ସ୍କୁଲ୍ ଗେଟ୍ ପାଖର କଡ଼କୁ ରଖି ଯେତେବେଳେ ଅନୀକେତ ଏକ ଗାଡ଼ିରୁ ଓହ୍ଲେଇଲେ, ଏତେ ଡେରୀରେ ବାପାଙ୍କୁ ଦେଖି ବାପାଙ୍କ ଉପରକୁ ଖୁସିରେ ଚଢ଼ିଗଲା ପିଲାଟି । ତୁମେ କାହିଁକି ଏତେ ଡେରୀକଲ ଯେ ! ସ୍କୁଲ୍ କେତେବେଳୁ ଛୁଟି ହୋଇସାରିଲାଣି । ଦେଖୁନ ମୁଁ ଏ ଖରାରେ କେତେବେଳୁ ଠିଆ ହୋଇରହିଛି ଖାସ୍ ତୁମକୁ ଅପେକ୍ଷା କରି । ଏତେଗୁଡ଼ିଏ କଥାରେ ନିଜକୁ ଦୋଷୀ ମଣିଲେ ଅନୀକେତ । କୋଡ଼କୁ ଟେକିନେଲେ ପୁଅକୁ । ମୁହଁରେ କେତେ ଯେ ଚୁମ୍ବନର ରେଖା ଟାଣିଦେଲେ ଓ କାନଧରି କହିଲେ ବାବା ଆଉ ଏମିତି ଭୁଲ ହେବନି । ଆଜିପରା ବହୁତ ଭିଡ଼ଥିଲା ସେଥିପାଇଁ ମୋର ଡେରୀ ହୋଇଗଲା । ଏଥର କିନ୍ତୁ ଆଉ ଏମିତି ଭୁଲ୍ ହେବନି । ଦୂରରୁ ସ୍କୁଲ୍ କାନ୍ଥରେ ଆଉଜି ବସିରହି ଅନୀକେତ ବାବୁଙ୍କର ଏ ଦୃଶ୍ୟ ଦେଖୁଥିଲେ ରାଜକିଶୋରବାବୁ । ଚୁମ୍ବନଗୁଡ଼ାକ ସତେଯେମିତି ତାଙ୍କୁ ପରିହାସ କରି କହୁଥିଲା, ଏ ସ୍ନେହ ଶ୍ରଦ୍ଧା କେବଳ କିଛିସମୟ ପାଇଁ ଯାହା ଭିତରେ ମଣିଷ ନିଜର ଭଲପାଇବାର ଅଙ୍କକୁ କେବଳ କଷି ଚାଲିଥାଏ । ଦିନକେତେଟା ବିତିଗଲେ ପୁଣି ସେଦିନର ସେ ଅଙ୍କର ଧାରାଗୁଡ଼ିକୁ ଭୁଲିପକାଏ ।

ଚପଳମତି ଶିଶୁଟିକୁ ମଣିଷ କରିବାରେ କେତେ ଯେ କଷ୍ଟ କରିବାକୁ ପଡେ ପିତାମାତାଙ୍କୁ । ନିଜ ଖାଇବାରୁ ଖାଇବା ସାଇତି ରଖେ ମା, ନିଜ ପିନ୍ଧିବାରୁ ପଇସାକାଟି ଭଲପିନ୍ଧାଏ, ନିଜର ସୁଖକୁ ଜଳାଞ୍ଜଳୀ ଦେଇ ଅହର୍ନିଶ ପିଲାମାନଙ୍କର ଭବିଷ୍ୟତକୁ କଳ୍ପନାର ଆଖି ଦୁଇଟିରେ ଦେଖିବସନ୍ତି ପିତାମାତା । ସପ୍ନରେ ବିଭୋର ହୋଇଯାନ୍ତି ପିଲାମାନଙ୍କୁ ଖୁସିରେ ରଖିବାପାଇଁ । ପରିଶେଷରେ ସପ୍ନଗୁଡ଼ାକ ଭାଙ୍ଗିଯାନ୍ତି । ତା'ର ଭଲପାଇବାଗୁଡ଼ିକ ସେମିତି ଦରଦୀ ସ୍ମୃତିହୋଇ ରହିଯାନ୍ତି ତାଙ୍କ ହୃଦୟ ରୂପକ ଦର୍ପଣରେ । ଅତୀତର ସ୍ମୃତିଗୁଡ଼ିକ ସାଉଁଟି ହୋଇ ରହିଯାନ୍ତି ହୃଦୟ ଦଲିଲ୍‌ରେ । ନିଜର ହଜିଲାଦିନକୁ ସାଉଁଟୁଛନ୍ତି ରାଜକିଶୋର ବାବୁ ।

ସେଦିନଥିଲା ସେପ୍ଟେମ୍ବର ପାଂଚଞ୍ଚତାରିଖ ସଅଳ ସଅଳ ନିତ୍ୟକର୍ମସାରି ଘରୁ ବାହାରିଗଲେ ରାଜକିଶୋର ବାବୁ । ଆଜିପରା ଗୁରୁଦିବସ । ବିଦ୍ୟାଳୟର ଗୁରୁପୂଜା ହେବ । ପିଲାମାନେ କେତେ କ'ଣ ଗୁରୁମାନଙ୍କ ଉପରେ ଭାଷଣ ଦେବେ । ଫୁଲମାଳପିନ୍ଧାଇ ଦେବେ । ଆଜି ତାଙ୍କ ଗୋଡ଼ ତଳେ ଲାଗୁନି । ବାଟରେ ସାଇକେଲରେ ଯିବାବେଳେ ହଠାତ୍ ସେଦିନ କେମିତି ଅନ୍ୟମନସ୍କ ହୋଇ ପଡିଲେ ସେ । ଆଗରୁ ଜୋର୍ କରି ମାଡ଼ିଆସୁଥିବା ଟ୍ରକ୍‌କୁ ଦେଖି ନିଜର ଭାରସାମ୍ୟ ହରାଇ ଗଡିପଡିଲେ ସେ ସାଇକେଲ୍‌ରୁ ତଳକୁ । ନିର୍ଦ୍ଦୟ ଟ୍ରକଟା ମାଡିଗଲା ତାଙ୍କ ଉପରେ । ନିଜକୁ କିଛି ସମୟପରେ ଆବିଷ୍କାର କଲେ ସେ ଡାକ୍ତର ଖାନରେ । ବିଧିର ବିଧାନ ଯାହା ତାହାହିଁ ଘଟିଯାଏ । ମଣିଷ ଯାହାଭାବେ ଭଗବାନ ତାହା ଚାହାଁନ୍ତିନି ଓ ଭଗବାନ ଯାହା ଚାହାଁନ୍ତି ମଣିଷ କିନ୍ତୁ ତାହା ମାନିବାକୁ ନାରାଜ । ସେଥିପାଇଁ ପ୍ରତିଟି ସମୟ ଗୁଡ଼ାକ ବି କେମିତି ଆଶାତୀତ ଭାବେ ଓଲଟ ପାଲଟ ହୋଇଥାଏ । ସ୍ତ୍ରୀ, ପୁଅ, ଝିଅ ସମସ୍ତେ ଏକାକାର ହୋଇ ଭଗବାନଙ୍କୁ ଡାକୁଥାନ୍ତି ବାପାଙ୍କର ଆରୋଗ୍ୟ କାମନା କରି । ଦୀର୍ଘ ଦିନର ପ୍ରଚେଷ୍ଟା ପରେ ସେଦିନ ଡାକ୍ତର ବାବୁ ଘୋଷଣା କରିଥିଲେ ଯଦିଓ

ଦୁର୍ଘଟଣା ପରେ ତାଙ୍କର ଅନ୍ୟାନ୍ୟ ସମସ୍ୟା ସୁଧୁରିଗଲାଣି କିନ୍ତୁ ଡାହାଣ ଗୋଡଟି ପୁରାପୁରି ଅକାମୀ ହୋଇଯାଇଛି । ସେଥିପାଇଁ ସେ ଗୋଡଟିକୁ କାଟିବାକୁ ପଡ଼ିବ । ଅପ୍ରିୟ ସତ୍ୟହେଲେ ମଧ୍ୟ ସେଦିନ ସତ୍ୟତାକୁ ମାନିନେଇଥିଲେ ରାଜକିଶୋର ବାବୁ । ମୋର ଗୋଟିଏ ଗୋଡ଼ କଟିଗଲେ କ'ଣହେଲା ମୋ ପାଖରେ



ପରା ମୋର ଦୁଇଟି ପୁଅ ଅମ୍ଳାନ ଓ ଅଶ୍ଲେଷ ଅଛନ୍ତି । ତାଙ୍କ ଗୋଡ଼ରେ ମୁଁ ଠିଆ ହେବି । ତେଣୁ ଭାଙ୍ଗିଯାଇଥିବା ମନକୁ ଯୋଡ଼ି ଦେଇ ପୁଣି ବଂଚିବାର ରାହା ଖୋଜିଥିଲେ ସେ । ଏ ଡାଳ ଭାଙ୍ଗିଲେ ସେ ଡାଳକୁ ଧରି ବଂଚିବାକୁ ତ ଜୀବନ କୁହନ୍ତି । କାହିଁକି ନା ମଣିଷ ଭାରି ଭଲପାଏ ତା ଜୀବନକୁ ତା'କୁ ବଂଚିବାକୁ ହେଲେ ସେ ଯେ କେଉଁ ବାଟବି ଆଦରି ନିଏ ।

ଦିନ କେତେଟା ପୁଅବୋହୂ ନାତି ନାତୁଣୀଙ୍କ ମେଳରେ ହସ ଖୁସିରେ ରହି ନିଜର କଟାଯାଇଥିବା ଗୋଡ଼ଟିକୁ ଭୁଲିଗଲେ ସେ । ଅହର୍ନିଶ ସେବା ଯାହା ଭିତରେ ଭୁଲିଯିବାକୁ ଲାଗିଗଲେ ସେ ତାଙ୍କର ଗୋଟେ ଗୋଡ଼କୁ ହରେଇଛନ୍ତି । ମଣିଷ ଯେତେବେଳେ ସୁଖ ଭିତରେ ଥାଏ ପୁରୁଣା ଦୁଃଖଗୁଡ଼ିକ ତାକୁ ଝପ୍‌ସା ହୋଇ ଦେଖାଯାଏ । ସେଗୁଡାକ ଭୁଲି ଯିବାକୁ ତା'କୁ ବହୁତ କମ୍ ସମୟ ଲାଗେ ।

ସମୟଗୁଡ଼ାକ ବାସ୍ତବ ହୋଇ ଅତିକ୍ରାନ୍ତ ହୋଇଯାନ୍ତି ମଣିଷ ମୁଣ୍ଡ ଉପରେ । ସମୟ ବଦଳେ ତା ସହିତ ଅମାନିଆ ମନଗୁଡ଼ାକ ବି କେମିତି ବଦଳିଯାନ୍ତି । ଭଲପାଇବାଗୁଡ଼ିକ କ୍ରୁରତା ହୋଇଯାନ୍ତି ଯଦି ସମ୍ପର୍କର ସୂତାଖିଅଟେ ଛିଣ୍ଡିପଡେ । ସେଦିନ ହଠାତ୍ ବିଛଣାରେ ଶୋଇଥିବା ବେଳେ ପାଖଘରୁ ଦୁଇପୁଅ କଥା ହେବାର ଶୁଣିଲେ ରାଜକିଶୋର ବାବୁ । ଆଉ କେତେଦିନ ଏ ବୁଢ଼ା ଆମ ବେକରେ ବନ୍ଧାହୋଇଥିବ । କରିବାର ଗୋଟେ ସୀମା ଅଛି ମୁଁ ଆଉ ଏତେ ସେବା ଯତ୍ନ କରିପାରିବିନି । ମୋର ବି ବୟସ ହେଲାଣି । ତା ସାଙ୍ଗକୁ ପିଲାଛୁଆଙ୍କ ପାଠପଢ଼ା, ଘରର ଦାୟିତ୍ୱ, ଚାକିରୀକାମ ଏସବୁ ମୁଁ ଆଉ ଏକାକୀ କରିପାରିବିନି । ଏମିତି ଏକା ନିଶ୍ୱାସରେ କେତେକ'ଣ କହିଗଲେ ଅମ୍ଳାନ । ଅଶ୍ଲେଷ ବି ନିଜର ମନକଥାଗୁଡାକ କହିପକାଇଲେ ଭାଇ ପାଖରେ ଓ ପରିଶେଷରେ ସ୍ଥିର ନିଶ୍ଚିନ୍ତ କଲେ ଯେ ବାପାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ିଦେବେ । ସେଠି ସେ ଭଲରେ ରହିବେ । ଆମର ଆଉ କିଛି ଦାୟିତ୍ୱ ନଥିବ । ଆମ୍ଭେ ପ୍ରତି ମାସରେ ଯାଇ ତାଙ୍କ ଭଲମନ୍ଦ ବୁଝି ଆସିବା ।

ଏହି ପଦିକ କଥା ଶୁଣି ନିସ୍ତବ୍ଧ ହୋଇପଡିଲେ ରାଜକିଶୋରବାବୁ । ପାଦତଳୁ ମାଟି ପୁଳାଏ ଖସିଗଲା ପରି ଲାଗିଲା । ଆକାଶ ଟା ଛିଣ୍ଡି ପଡିଲା ପରି ଲାଗିଲା ମୁଣ୍ଡ ଉପରେ । ଏ କ'ଣ ଶୁଣୁଛନ୍ତି ସେ ? ଏଇ କ'ଣ ମୋର ଭଲ ପାଇବାର ପୁରସ୍କାର ? ରାତିରାତି ଆମେ ବାପାମାଆ କେତେ ଯେ ନ ଶୋଇ ଅନିଦ୍ରା ହୋଇଛୁ ତାଙ୍କୁ ମଣିଷ କରିବାକୁ । କେତେଥର ଭୋକ ଉପାସରେ ରହିଛୁ । ତାଙ୍କ ପାଇଁ ଘର ତୋଳିବା ପାଇଁ କେତେ ଲହୁଲୁହାଣ ନ ହୋଇଛୁ । ଆଗେ

ଆମ ପିଲା ଭଲରେ ରହିବେ ସେତିକି ଆମର ଖୁସି । ନିଜର ରକ୍ତକୁ ଏକାକାର କରି ଯେଉଁ ଘରଟିଏ ତିଆରି କରିଛୁ ସେଇଠି ବି ରହିବାର ଅଧିକାର ନାହିଁ ମୋର, ଧିକ୍ ଏପରି ପିତୃତ୍ୱକୁ । ଏଇଟାତ ଘରନୁହେଁ ଏଠି ମୋତେ ଯମ ଯନ୍ତ୍ରଣା ଭୋଗିଲାପରି ଲାଗୁଛି । ଶୁଣିଥିଲି ଏଇଠି ସ୍ୱର୍ଗ ଏଇଠି ନରକ । ଆଜି ତାଙ୍କୁ ଅନୁଭବ ମଧ୍ୟ କରୁଛି । ସେଦିନ ରାତିରେ ଆଉ ନିଦ ଆସିନି ଆଖିକୁ ।

ସକାଳର ସୂର୍ଯ୍ୟଟା ସେଦିନ କେମିତି ନୂଆ ନୂଆ ଲାଗୁଥିଲା । ସକାଳୁ ସମସ୍ତେ ଉଠି ନିଜ ନିଜ ନିତ୍ୟକର୍ମରେ ବ୍ୟସ୍ତ । ସବୁକିଛି ସ୍ୱାଭାବିକ୍ ଥିଲା କିନ୍ତୁ ବ୍ୟତିକ୍ରମ ଲାଗୁଥିଲା ଘରେ ସମସ୍ତଙ୍କୁ । ଆଜି କ'ଣ ବାପା ଏତେବେଳ ଯାଏ ଉଠି ନାହାଁନ୍ତି ? ସେ ତ ସଅଳ ଉଠନ୍ତି । ଅନେକ ସମୟ ଅତିକ୍ରାନ୍ତ ହେଲାପରେ ଅମ୍ଳାନ ବାପାଙ୍କ ଘରଭିତରକୁ ଗଲେ । ବାପାଙ୍କର ଉଠିବାର ବିଳମ୍ବତାକୁ ଜାଣିବା ପାଇଁ । କିନ୍ତୁ ହାୟ ବାପାଙ୍କ ବଦଳରେ ଆବିଷ୍କାର କଲେ ବାପାଙ୍କର ହାତଲେଖା ଚିଠିଟିକୁ । ଯେଉଁଥିରେ ଲେଖାଥିଲା.......

ଗଛଟିଏ ଛୋଟ ଥିଲାବେଳେ ତା'ର ମନରେ କେତେ ଭାବନା ଥାଏ, ମୋ ଦେହରେ କିଶଳୟ ହେବ, ନବପଲ୍ଲବିତ ଡାଳରେ ବୃନ୍ତଟି ନବପୁଷ୍ପିତ ହେବ । ବୃକ୍ଷସାରା ଫଳର ସମ୍ଭାର ରେ ମୋ ଦେହ ଭରପୂର ହୋଇଯିବ । ସବୁ ସ୍ୱପ୍ନ ତ ଦିନେ ସାକାର ହୋଇଯାଏ, ଛୋଟ ଚାରାଗଛରୁ କଅଁଳିଆ ପତ୍ର ହୁଏ, ବୃନ୍ତରେ ଫୁଲ ଫୁଟେ, ଫଳ ସମ୍ଭାର ହୁଏ, ଫଳ ହେବା ପର୍ଯ୍ୟନ୍ତ ମଣିଷ ତାକୁ ଆଦର ଯତ୍ନ କରିଥାଏ କିନ୍ତୁ ଫଳ ହେଲାପରେ ତା'କୁ ମିଳେ କେବଳ ଫୋପଡ଼ ଓ ପଥର ମାଡ଼ । ଯେଉଁ ମାଡ଼ ତା ମନରେ ଅସହ୍ୟ ଯନ୍ତ୍ରଣା ଭରିଦିଏ । ପରିଶେଷରେ ସେ ଭାବେ ମୁଁ ଖାଲିଫଳ ବିହୀନ ଗଛଟିଏ ହୋଇଥାନ୍ତି କି ?

॥ ଇତି ॥

ଶେଷକଥା ଏକ ବୁଢ଼ା ବରଗଛର"

ଅଧ୍ୟାପିକା

ଓଡିଆ ଭାଷା ସାହିତ୍ୟ ବିଭାଗ

ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ

•

# ମନ ବୁଝେ ମନର କଥା

ସୁପ୍ରିୟା ସାହୁ

ମୋର ପରିଜନମାନଙ୍କୁ ଦେଖିଲେ ଭାରି ଆପଣାର ଲାଗେ ଇଚ୍ଛା ହୁଏ ଆଗକୁ ଯାଇ ଦିପଦ ଦୁଃଖସୁଖ ହେବାକୁ, କିନ୍ତୁ ଚାହିଁଲେ ବି ଯାଏନି, ଲୁଚିଯିବାକୁ ଇଚ୍ଛା ହୁଏ । ମୁଁ ଯେତେ ଲୁଚେଇବାକୁ ଚାହିଁଲେ ମଧ୍ୟ ମୋ ନାଁଟା ମତେ ଲୁଚାଇ ଦିଏ ନାହିଁ । ଜନ୍ମ ହେଲାପରେ ସମସ୍ତେ ନାଁ ପାଇଥାନ୍ତି କିନ୍ତୁ ମୋ ଭାଗ୍ୟ, ମୋ ନାଁ ମୋ ମା ପେଟରୁ ଯୋଡ଼ା ହୋଇଛି । ନାଁଟା ଦେବସ୍ମିତ ହେଲେ ମଧ୍ୟ ମତେ ସମସ୍ତେ "ଛୋଟା' ବୋଲି ଡାକିଥାନ୍ତି, କାରଣ ମୋର ବାଁ ପାଖର ଗୋଡ଼ଟା ଅସମ୍ପୂର୍ଣ୍ଣ ଥିବାରୁ ମୁଁ ଟିକେ ଛୋଟେଇ ଚାଲେ । ତେଣୁ ଘରୁ ବାହାର ପର୍ଯ୍ୟନ୍ତ ସମସ୍ତେ ମତେ ଛୋଟା ବୋଲି ଡାକନ୍ତି । କିନ୍ତୁ ମୋର ମା' ବାପା ଚାହିଁଲେ ବି ନୀରବ ରହିଥାନ୍ତି । ଅନ୍ୟ ଉପାୟ ନପାଇ ବାପା ବହୁତ ଡାକ୍ତର ଦେଖାଇଲେ କିନ୍ତୁ ହାରିଗଲେ, ଶେଷରେ ଥକ୍କା ହୋଇ ମତେ ସବୁବେଳେ କୁହନ୍ତି ତୁ ବଡ଼ ହେଲେ ଡାକ୍ତର ହେବୁ ଆଉ ନିଜଗୋଡ଼କୁ ନିଜେ ଠିକ୍ କରିବୁ । ସମୟ ବଦଳି ଚାଲିଲା, ବୟସ ବି ବଢ଼ି ଚାଲିଲା, ବାପାଙ୍କ ସପ୍ନ ପୂରଣ ହେଲା । କିନ୍ତୁ ବାପା ସବୁଦିନ ପାଇଁ ଛାଡ଼ି ଚାଲିଗଲେ । ଜୀବନ ରାସ୍ତାରେ ଏକା ଏକା ଚାଲିବାକୁ କଷ୍ଟହୁଏ, ମୋର ସେହି ରୋଗୀଣା ମା'କୁ ନେଇ । ହସ ଲାଗେ ଯେତେବେଳେ ମୋ ସାଙ୍ଗମାନେ ମତେ ଚିଡ଼ାନ୍ତି କୌଣସି ଝିଅ ସହିତ ମୋ ନାଁକୁ ଯୋଡ଼ିକରି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ହଷ୍ଟେଲରେ । କିନ୍ତୁ ଯୌବନର ସମୟରେ ଅନେକ ଝିଅକୁ ନେଇ ମୁଁ ବହୁତ ସପ୍ନ ଦେଖେ । କିନ୍ତୁ ସମୟର ସ୍ରୋତରେ ସମସ୍ତ ହାତଛଡ଼ା ହୋଇଯାଆନ୍ତି । ମନେ ପଡେ ଆମ ଗାଁର ବାଲ୍ୟବନ୍ଧୁ ବିଶୁ କଥା, ସେ ମତେ କହେ ଝିଅମାନେ, ଭଲଘର ଦେଖନ୍ତି ନହେଲେ ଭଲ ବର ଦେଖନ୍ତି । ଏ ଦୁଇଟା ଯାକତ ମୋ ପାଖରେ ନାହିଁ । ବାପାଥିଲେ ସାଧାରଣ କୃଷକ । ଜମିରୁ ଯାହା ଆସେ ଆମର ଖର୍ଚ୍ଚରେ ଊଣା ହୁଏ । ପୁଣି ମୋ ପାଠ ପଢ଼ା ବେଳରେ ବାପାତ ଅଧାରୁ ଅଧିକ ଜମି ବାଡ଼ି ବିକି ସାରିଛନ୍ତି । ସମ୍ବଳ କହିଲେ ଗୋଟିଏ ଛୋଟ ଇନ୍ଦିରା ।



ଆବାସ ଯୋଜନାର ଘର । ଆଜି ମୁଁ ରୋଜଗାର କରିବାରୁ ଆଉ ଟିକେ ବଡ଼ କରି ଘର କରିଛି । କିନ୍ତୁ ସେ ଘରକୁ କଣ ଏ ପାଠ ପଢୁଆ ଝିଅମାନେ ପସନ୍ଦ କରିବେ । ସେ ଯାହା ହେଲେ ଆମ କଲେଜର ଜୁନିୟର ଝିଅଟା କିନ୍ତୁ ମୋର ଭିନ୍ନକ୍ଷମକୁ ପ୍ରାୟ ନାପସନ୍ଦ କରେନି । ସେତ ମୋ ସାଙ୍ଗରେ ବହୁତ ସମୟ ଧରି କଥା ହୁଏ । କାରଣ ମୁଁ ବୁଝି ପାରେନା, ସେ କ'ଣ ଆମ ଗାଁର ବଇଦଙ୍କ ଝିଅ ସୁମିପରି ହେବ ।

ସୁମି ଆଉ ମୁଁ ଏକା ସାଙ୍ଗରେ ଗୋଟିଏ ଚାଟଶାଳୀରେ ପଢୁଥିଲୁ । ଦଶମ ପାସ୍ ପର୍ଯ୍ୟନ୍ତ ସେ ମୋ ସାଙ୍ଗରେ ପଢୁଥିଲା । ସେ ମୋର ପ୍ରଥମ ପ୍ରେମ ଥିଲା । ତାକୁ ନେଇ ମୁଁ ଅନେକ ସପ୍ନ ଦେଖୁଥିଲି । ଆଜି ପର୍ଯ୍ୟନ୍ତ ତାର ହାତ ଲେଖା ଚିଠି ଗୁଡ଼ିକ ମୋ ପାଖରେ ଅଛି । କିନ୍ତୁ କଲେଜ ପଢ଼ିଲା ବେଳକୁ ସୁମି ମୋ ଠାରୁ ଅଲଗା ହେଇଗଲା । ସେ ଗାଁ କଲେଜରେ ପଢ଼ିଲା ଆଉ ମୁଁ କଟକର ରେଭେନ୍ସା କଲେଜରେ ସାଇନ୍ସ ପଢ଼ିଲା । ସୁମି ବଡ଼ ହେବା ସଙ୍ଗେ ସଙ୍ଗେ ବହୁତ ସୁନ୍ଦର ଦେଖାଯାଉଥିଲା, ତାର ଅନେକ ସାଙ୍ଗଥିଲେ । ତା'ର ସାଙ୍ଗ ମଧ୍ଯ ଆମ ଭିତରେ ଥିବା ସମ୍ପର୍କ ବିଷୟରେ ସବୁ ଜାଣିଥିଲା, ସେ କଲେଜରେ ସବୁ କଥା ଅନ୍ୟ ସାଙ୍ଗମାନଙ୍କୁ କହିଥିଲା । ତା'ପରେ ମୋ ନାଁରେ ସମସ୍ତେ ତାକୁ ଛୋଟାକୁ ଛୋଟି ବୋଲି ଡାକୁଥିଲେ । ଏହାସହିତ କହୁଥିଲେ- ଅନ୍ଧ ରାଜା ଧୃତରାଷ୍ଟ୍ର ପାଇଁ ତାଙ୍କ ରାଣୀ ଗାନ୍ଧାରି ଯେପରି ସବୁଦିନ ପାଇଁ ନିଜ ଆଖିରେ ପଟି ବାନ୍ଧି ଦେଇଥିଲେ, ତେଣୁ ତୁ ଯାଇ ଗୋଟିଏ ଗୋଡ ଭାଙ୍ଗି ଦେ ତୋ ଛୋଟା ସାଙ୍ଗରେ ଛୋଟି ଭଲ ମ୍ୟାଚ କରିବ । ଅନେକ କଥା ଶୁଣି ଶୁଣି ସୁମି ବିରକ୍ତ ହେଉଥିଲା, ସତେଯେପରି ଏହା ଥିଲା ଆମ ସମ୍ପର୍କର ବିଡ଼ମ୍ବନା । ଦିନେ ସକାଳେ ସୁମି ମତେ ଡାକି ପଚାରିଥିଲା, ଆଉ କେତେଦିନ, କେତେ ଦିନ ? ମୁଁ ଆଉ ସହି ପାରୁନି । ମୁଁ ପଚାରିଲି କ'ଣ ହେଲା ମତେ ଟିକେ ଖୋଲିକରି କହ ? ସେ ଜବାବ ଦେଲା ସମସ୍ତେତ ମତେ ତମ ଲାଗି ଚିଡାଉଛନ୍ତି । ମୁଁ ଆଉ ସହିପାରୁନି । ଆଉ ଏ ତ ସତକଥା ତମେ ତ ଭିନ୍ନକ୍ଷମ ଅଟ । ଆଉ କେତେଦିନ ତମ ହାତ ଧରି ଚାଲିବ ଯିଏ ତ ନିଜ ଗୋଡ଼ରେ ଚାଲି ପାରୁନି । ମତେ ଲାଗୁଛି ମୁଁ ଏ ସମ୍ପର୍କ ରଖିବାର ଆଉ କୌଣସି କାରଣ ନାହିଁ ।

ବହୁତ ସମୟ ଅନୁଭବ କଲି ଭାବିଲି, ସତ୍ୟ ସବୁବେଳେ ସତ୍ୟ, ତା ଠାରୁ ଆମେ ଦୂରେଇ ଯାଇ ପାରିବା ନାହିଁ । ରାତିରେ ଶୋଇ ପାରିଲି ନାହିଁ । ସୁମି ଠାରୁ ବିଛେଦ କିନ୍ତୁ ଛାତିକୁ ପଥର କରି ଗୋଟିଏ ଚିଠି ଲେଖିଲି ଆମର ସମ୍ପର୍କର ପୂର୍ଣ୍ଣଛେଦ ପାଇଁ । ତା ପରଠାରୁ ଆଉ ସୁମି ସାଙ୍ଗରେ କିଛି ସମ୍ପର୍କ ନଥାଏ ।


କିନ୍ତୁ ମୋ ମନରେ ଅନେକ ଆଶଙ୍କା ଆସେ ଡର ଲାଗେ ସୁନନ୍ୟା ସାଙ୍ଗରେ କଥା ହେବା ପାଇଁ, କାରଣ ସେ ଖାଲି ସୁନ୍ଦର ନୁହେଁ ଭଲ ଛାତ୍ରୀ ମଧ୍ୟ । ସେ ମେଡ଼ିକାଲ କଲେଜରେ ସବୁବେଳେ ଆଗଧାଡ଼ିରେ ଛିଡ଼ା ହେଉଥିଲା । ସେ ଯାହା ହେଉନା କାହିଁକି ମୁଁ ତା ସାଙ୍ଗରେ ବନ୍ଧୁତା ରଖିବି କିନ୍ତୁ ମୋ ମନର କଥା ତାକୁ କେବେ କହିବି ନାହିଁ । ଯଦି ତା' ମନରେ କିଛି ଥାଏ ସେ ଆଗ କହୁ ନହେଲେ ମୋ ମନର କଥା ମନରେ ଚାପି ରଖିଦେବି ।

ସୁନନ୍ୟାର ବନ୍ଧୁତ୍ୱ ଦିନକୁ ଦିନ ଅତି ନିବିଡ଼ ହେଉଥାଏ, ସେ ଭାରି ଖୋଲା ମିଜାଜ୍‌ର ଝିଅଟିଏ, ତାର ସବୁ କଥାମତେ ଅତି ସ୍ପଷ୍ଟ ଭାବରେ କହିଦିଏ । ସେ ମଧ୍ୟ ତାର ଅତୀତର ପ୍ରେମିକ ଅଭିଷେକ ବିଷୟରେ ସବୁ ମତେ କହିଛି । ଦିନେ ମୁଁ ତାକୁ ପଚାରିଲି ସୁନନ୍ୟା ! ତମକୁ କେମିତି ପୁଅ ଭଲ ଲାଗେ ? ସେ କହିଥିଲା ଗୋଟିଏ ଭଲ ମଣିଷ ଠିକ୍ ଆପଣଙ୍କ ପରି । ତା'ର ମୋ ପ୍ରତି ଗଭୀର ବିଶ୍ୱାସ, ଭଲପାଇବା ମତେ ତା' ଆଡ଼କୁ ଟାଣି ନେଉଥାଏ କିନ୍ତୁ ଡର ଲାଗେ ମୋର ଭିନ୍ନକ୍ଷମ କୁ ନେଇ । ଡର ଲାଗେ ତାକୁ ମୋ ମନର ଭାବନା କହିବା ପାଇଁ । ଚାହିଁଲେ ବି କିଛି କହି ପାରେନା । ମୋ ନିରବତା ଦେଖି ସେ ପୁଣି ପଚାରିଲା କ'ଣ ନୀରବ ରହିଲେ ଯେ ? କିଛି କହିଲେ ନାହିଁ । କିନ୍ତୁ ସେତେବେଳୁ ଆମ ଦୁହିଁଙ୍କର ଆତ୍ମାର ମିଳନ ଆମ ଆଖିରୁ ଝଲସି ଉଠିଥାଏ । ବହୁତ କଷ୍ଟରେ ଡରି ଡରି ତାକୁ ପଚାରିଲି ମୋ ଭିନ୍ନକ୍ଷମରେ ତମର କିଛି ଅସୁବିଧା ନାହିଁ । ସେ ନାଁ କହି ଉଠି ଛିଡ଼ା ହେଲା ଏବଂ ମତେ ଆଲିଙ୍ଗନ କରି ନିର୍ମଳ କଣ୍ଠରେ କାନ୍ଦି ଉଠିଲା, ଶରୀରର ଭିନ୍ନକ୍ଷମରେ ମଣିଷ ଅସମ୍ପୂର୍ଣ୍ଣ ହୁଏନାହିଁ କିନ୍ତୁ ଦୁଷ୍ଟ ମାନସିକତାରେ ମଣିଷ ଅସମ୍ପୂର୍ଣ୍ଣ ହୋଇଥାଏ ।

ଏମକେସିଜି ମେଡିକାଲ କଲେଜ
ବ୍ରହ୍ମପୁର

# ଅଦେଖା ସ୍ୱପ୍ନ

ସୌଦାମିନୀ ଦାସ



**ମା'** ମା'.. ଆଜି କସରା ଗାଈ ଫିଟି ଯାଇ ସବୁ ଭାଙ୍ଗି ପକାଇଛି । ହୁଁ ତୁତ ସକାଳ ପାଂଚ ଟାରେ ଉଠିଲେ ସବୁ ଜାଣି ଯିବୁ । ଟିକେସିନା ଆଗରୁ ଉଠିଲେ ତୁ ସିନା ସବୁ ଜାଣନ୍ତୁ । କ'ଣ କରିବି ମା, ଟିକୁ ଭାଇ ପରା ରାତି ସାଢ଼େ ଏଗାରଟା ପରେ ଆସିଲେ ତାଙ୍କ କଥା ବୁଝୁ ବୁଝୁ ରାତି ବାରଟା, ତା'ପରେ ସେ ଶୋଇଲା ପରେ ମୁଁ ଶୋଇଲି ଆଉ ରାତିରେ ଚାରି ଥର ଉଠି ବଡ଼ବାବୁଙ୍କୁ ଟଏଲେଟ୍‌କୁ ନେବା, ସେଇଥି ପାଇଁ ତ ଟିକେ ଡେରି । ଆରେ ଯା, ଯା ତୋ ସାଙ୍ଗରେ ସକାଳ ପହରୁ ମୁହଁ ଲଗାଇବା ପାଇଁ ମୁଁ ଚାହୁଁନି । ଯା, ତାକୁ ବାନ୍ଧି ଦେ ଆଉ ଘର ଆଗଟା ଝାଡୁ କରିଦେ । ଏକଥା ମୀରା ଦେବୀ ପଦିଆକୁ କହିଗଲେ । ତୁଇଁ ବୋଲି ତାକୁ ସମସ୍ତେ ଡାକନ୍ତି । ପଦିଆ ଅତି ସ୍ନେହରେ ଖଗେଶ୍ୱର ବାବୁଙ୍କ ଘରେ କାମକରେ। ବୟସ ବାର ହେଲେ ବି, ତାର କାମ ସକାଳ ଛଟାରୁ ଆରମ୍ଭ ହେଇ ରାତି ବାରଟାରେ ସରିଥାଏ । ଘରେ ସାତ ପ୍ରାଣୀ କୁଟୁମ୍ବ, ବାବୁ ଓ ମା' ତାଙ୍କର ତିନିଟା ପୁଅ, ତିନି ବୋହୂ ଗୋଟିଏ ଅବିବାହିତ ଝିଅ ଆଉ ବଡ଼ ଝିଅ ତାଙ୍କ ସ୍ୱାମୀ ଓ ବଡ଼ ପୁଅର ଗୋଟିଏ ପୁଅ ଓ ଗୋଟିଏ ଝିଅ ।

ରାତି ଯାଇ ସକାଳ ହୁଏ, ସେଠୀ ବାବୁଙ୍କ ଘରେ ଗୋଟିଏ ନାଁ ପଦିଆ, ପଦିଆ, କିଏ ଡାକେ ପଦ, ଆଉ କିଏ କେତେ କ'ଣ । ସେଠୀ ବାବୁଙ୍କ ଘର କଟକର ଅପର୍ଣ୍ଣାନଗରରେ ଗୋଟିଏ ବଡ଼ଘର ତା ଆଗରେ ବଡ଼ ବଗିଚା ଆଉ ପୁଣି ଗାଈଗୁହାଳ, ଗୋଟିଏ କୁକୁର ଆଉ ଗୋଟିଏ ଶୁଆଙ୍କୁ ନେଇ ତାଙ୍କ ପରିବାର, ସମସ୍ତଙ୍କର କାମ ଗୋଟିଏ କାନ୍ଧ ଉପରେ ଲଦା ହେଇଥାଏ ସେ ହେଲା ପଦିଆ ।

ପଦିଆ ଜନ୍ମରୁ ମାତୃହରା । ବାପା ଦିନମଜୁରିଆ, ଆଉ ସାବତ ମାର ପିଲା ନାହିଁ । ବାପା କେତେ ଭାବିଥିଲେ,

ସେ ତାଙ୍କ ପୁଅକୁ ନିଜର ଭାବି ଚଳାଇବ । କିନ୍ତୁ ସେ ତ ତାକୁ କାମରେ ଲଗାଇ ପଇସା ରୋଜଗାର କରି ତାର ସଉକ ପୁରଣ କରିବାରେ ଲାଗି ପଡିଥାଏ । ଦୁନିଆରେ ପଦିଆର ଗୋଟିଏ ସାହା, ପୂଜା, ଯେ କି ପଦିଆର ଦୁଃଖ ବୁଝିପାରେ, କୁନିପିଲାଟି ସେ ସ୍କୁଲରୁ ଆସିଲା ବେଳେ, ଚକୁଲେଟ ଆଣେ, ଘରେ ଯାହା ତା ମା' ଖାଇବାକୁ ଦିଏ, ସେ ତାକୁ ଲୁଚାଇ ଦେଇଥାଏ । ସେ ହେଲା ସେଠୀ ବାବୁଙ୍କର ବଡ଼ପୁଅର ଝିଅ, ଭାରି ସ୍ନେହୀ ।

ପଦିଆର ସେ ଅତି ଆପଣାର, ସେ ତାକୁ ସବୁ କହିଥାଏ । ପଦିଆ କହେ, ସମସ୍ତେ ମତେ ତୁଇଁ ଡାକିଲେ ମତେ ଭଲ ଲାଗେନି, ତମ ମା ତମକୁ ଗେହ୍ଲା କଲାବେଳେ, ମୋର ମା କଥା ମନେପଡେ, ମୋର ଭାରି ଇଚ୍ଛାହୁଏ ସ୍କୁଲକୁ ଯିବା ପାଇଁ, ଚାରିଟା ବେଳେ ଖେଳିବା ପାଇଁ, ଆଉ ବଡ଼ଭାଇ ଓ ବାବୁଙ୍କର ମାଡ଼ଗାଳି ମତେ ଭାରି କଷ୍ଟ ଲାଗେ, ମଦପିଇ ବାବୁ ରାତି ଅଧରେ ଆସନ୍ତି, ତାଙ୍କ ପାଇଁ ଗେଟ୍ ଖୋଲିବା ବେଳେ, ସେ ବେଳେ ବେଳେ ରାଗିକରି ଗୋଇଠା ଆଉ ମାଡ ବି ଦେଇଥାନ୍ତି ।

ପୂଜାର କୋମଳ ହୃଦୟ ପଦିଆର ଦୁଃଖରେ ତରଳି ଯାଏ । ମୋତେ ବି ଦେଖିଲେ ଏ ସବୁ ଭାରି କଷ୍ଟ ହୁଏ। ତାର ପରିବାରର ସବୁ ଲୋକଙ୍କୁ ଘୃଣା କରେ, ଭଗବାନଙ୍କ ପାଖରେ ଗୁହାରିକରେ । ମୁଁ ଭାବେ ଆଜି ପଦିଆର ଜୀବନ ଏପରି କାହିଁକି । ପଦିଆ ପରି ଶହ ଶହ ପିଲା ପାଠ ପଢ଼ିବାରୁ ବଂଚିତ ହେଉଛନ୍ତି । ତାଙ୍କ ବାପା ମା, ତାଙ୍କର ଜତ୍ନ କାହିଁକି ନେଉ ନାହାଁନ୍ତି । ଏହି କୋମଳ ହୃଦୟର ବିକଳ ଚିତ୍କାର ଭଗବାନ ଶୁଣନ୍ତୁ କି ନଶୁଣନ୍ତୁ କିନ୍ତୁ ମଣିଷ ସମାଜ ପ୍ରତି ଏହା ଗୋଟିଏ ବଡ଼ ଶିକ୍ଷା ।

ହେ କୁଆଡେ ଗଲୁ କିରେ, ଆରେ ତୁ ଏଠି ଅଛୁ । ହଁ ମା, ମୁଁ ପଦିଆ ସଂଗରେ ଖେଳୁଛି । ତତେ କେତେଥର ମନାକରିଥିଲି ଏ ବଦମାସଟା ସାଙ୍ଗରେ ନଖେଳିବା ପାଇଁ । ଆଉ ତୁ ଏଠି ବସି ଖେଳେ, ସିଆଡେ ଘରର ସବୁ କାମ ପଡିଛି। ଯିବୁ ନାଁ ମତେ ଦେଖିବୁ, ଏହା କହି ସେବତୀ ଦେବୀ ପଦିଆର ହାତ ଧରି ଟାଣି ଆଣିଛନ୍ତି । ଲୁହ ଛଳ ଛଳ ଆଖିରେ ପଦିଆ ଧୀରେ ଧୀରେ ତାର ବାସ୍ତବ ଜୀବନକୁ ଫେରି ଯାଇଛି । ଯେଉଁଠି ଅପେକ୍ଷା କରିଛି ଅନେକ ବୋଲ ଆଉ ଡାକ । ଭାବିଛି ଏମିତି ଆଉ କେତେଦିନ, କେତେଦିନ ମୁଁ ଆଉ ମୋ ପରି ଅନେକ ପିଲାଙ୍କର ଭାଗ୍ୟ........ ସକାଳ ପ୍ରହରୁ ରାତି ବାରଟା ପର୍ଯ୍ୟନ୍ତ ଖଟୁଥିବା ପଦିଆ ବା ତୁଇଁ ପରି ହେବ । ବଂଚିବାକୁ ତ ଦିଅ, ଜାଣିଛି କାମ ନକଲେ ମୋ ଘରେ ଖାଇବାକୁ ପାଇବେ ନାହିଁ । ସମସ୍ତେ ଆମେ ଉପବାସରେ ପଡିବୁ ହେଲେ ମଣିଷକୁ ମଣିଷ ଭଳି ତ ଦେଖ ।

ଏତିକି କହି ଭୋ ଭୋ ହୋଇ କାନ୍ଦି ଉଠିଲା ପଦିଆ ।

ଅଧ୍ୟାପିକା
ମହାନଦୀବିହାର ମହିଳା ମହାବିଦ୍ୟାଳୟ
କଟକ

●

# ଅସପନ ବଣିକ : ନଳିଆ

ଡ.ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ

ଆଖିରେ ଚମକ ନାହିଁ, ସପନ ନାହିଁ । ଶେତା ଶେତା ମୁହଁରେ ଭିତରକୁ ପଶିଯାଇଥିବା ଆଖି ଦୁଇଟି ପେଙ୍କୁଆ ପେଙ୍କୁଆ । ଦେହ ତ ନୁହଁ ଯେମିତି ବିଜ୍ଞାନାଗାରରେ ଝୁଲୁଥିବା କଙ୍କାଳଟେ ଆସି ଲୋକଗହଳିରେ ବୁଲାଚଲା କରୁଛି । ହଁ ଦେହ ଉପରେ ଚର୍ମଟା ହିଁ ଢ଼ାଙ୍କି ହୋଇଛି କେବଳ । ପେଟରେ ସବୁବେଳେ ଭୋକ । ହେଲେ ଅନେକ ସମୟରେ ଭୋକକୁ ଭୁଲାଇବା ପାଇଁ ଶୋଷକୁ ନିଜରକରିବାକୁ ପଡେ । ମାନେ ଭୋକ ହେଲାତ ନଳକୂଅ ପାଖକୁ ଯାଇ ଢ଼କ୍ ଢ଼କ୍ ପେଟ ପୁରିବା ଯାଏଁ ପାଣି ପି' ପକାଏ । କେବେ କେମିତି ପେଟ ପୁରିଗଲା ତ ଓଃ.... କି, ଶାନ୍ତି । ବାସ୍..... ଏଇଠି ହିଁ ଜୀବନର ସବୁ ଆଗତ ଭବିଷ୍ୟତର ପରିସମାପ୍ତି ।

ଏତେ କଥା ଯେଉଁ ଲୋକ ବିଷୟରେ, ସେ ରହେ ନିହାତି ଏକ ମଫସଲ ଗାଁ ରେ । ଗାଁ ରେ ତା'ର କେହି ନାହିଁ କି ତା'ର ନିଜସ୍ୱ ବୋଲି କିଛି ନାହିଁ । ଯେମିତି ତା'ର ଭବିଷ୍ୟତ କ'ଣ ତାକୁ ଜଣା ନାହିଁ ସେମିତି ଅତୀତକୁ ମଧ୍ୟ ସେ ଯେମିତି ଜାଣିଶୁଣି ପାସୋରି ଦେବାକୁ ଚାହିଁଛି । କାହାକୁ କିଛି କହେନି । ହଁ, ଜାଣିବା ଶୁଣିବା ଗାଁ ଲୋକେ କହନ୍ତି - ଏ ଲୋକ ଅନେଶତ ବାତ୍ୟା ପରେ ପରେ ଏ ଗାଁ କୁ ଆସିଥିଲା । ଏକୁଟିଆ, ଖୁବ୍ କମ୍ ବୟସର ବକଟେ ପିଲା ଭାବରେ । ଆଜି ସେ ଲୋକଟେ ହେଲାଣି ।

"ଏ ନଳିଆ, ଆ' ଖେତକୁ ଯିବା ।" ଗାଁର ଜଣେ ଥିଲାବାଲା ଲୋକ ସୁରେଶ ଡାକିଲା । "ହଁ, ଯାଉଛି ।" ନଳିଆକୁ ଗାଁର ଯାହାର ଯେଉଁ କାମ ଥିବ, ସେହି ସମୟରେ ହିଁ ଡାକିନିଅନ୍ତି । କିନ୍ତୁ ନଳିଆର ବଳବପୁକୁ ଦେଖି ତା'ଠୁ ଯେ କିଛି ବେଶୀ କାମ ଆଦାୟ କରିହେବ, ଏ ଆଶା ସେମାନଙ୍କଠି ନଥାଏ । ନଳିଆ କିନ୍ତୁ ଖୁବ୍ ମନ ଲଗାଇ କାମ କରେ । ଝାଳନାଳ ହୋଇ ନିଜର ସବୁ ବଳକୁ ଖଟାଏ । ଯାହା ଖେତରେ କାମ କରେ ସେମାନେ ହିଁ ଯେତିକି ଦିଅନ୍ତି ତାକୁ ହିଁ ଖାଇନିଏ ଓ ଆସି ଗାଁ ଭାଗବତ ଟୁଙ୍ଗୀର ବାରଣ୍ଡା କୋଣରେ ନିଘୋଡ ନିଦରେ ଶୋଇପଡେ ।

ନଳିଆକୁ କେବେ କେମିତି କିଏ ଦୁଇ-ଚାରିଖଣ୍ଡ ପୁରୁଣା ଲୁଗା ଦେଇ ଦିଅନ୍ତି ତ କିଏ କିଏ ଦୁଇ-ଚାରି ଟଙ୍କା ଧରାଇ ଦିଅନ୍ତି । କିଏ ମୁଢ଼ି ମୁଠେ, ବିସ୍କୁଟ ଦୁଇ-ଚାରିଟା, ଚଣା ମୁଠେ, ବାସି ଚକୁଳି ପିଠା ଖଣ୍ଡେ ବଢ଼େଇ ଦେଇ ଥାନ୍ତି ହାତକୁ । ନଳିଆ ତା'ବଦଳରେ ବୋଲହାକ କରି ଦି'ଚାରିଟା କାମ ବି ନଳିଆ ଠାରୁ ଆଦାୟ କରିନିଅନ୍ତି ।

ଗାଁରେ ପୁନେଇପରବ ବେଳେ ନଳିଆକୁ ଖୁବ୍ ଖାଇବାକୁ ମିଳେ । ମଣ୍ଡା, ଛୁଞ୍ଚିପତ୍ର ପିଠା, ଆରିସାରେ ତା'ର ଗାମୁଛା ଯେମିତି ଭରିଯାଏ । ତିନି ଦିନ ଯାଏଁ ସେଇ ପିଠାକୁ ଖାଏ ।

ନଳିଆ କେବେ ବି ପରିଶ୍ରମକୁ ଡରେ ନାହିଁ । କାହା ଆଗରେ ହାତ ପତାଏ ନାହିଁ । କାହା ଆଗରେ ହାରିଗୁହାରୀ କରେ ନାହିଁ । କାହା ପାଦକୁ ଧରି କାକୁତି ମିନତି ହୁଏ ନାହିଁ କି କାହା ପାଖରୁ କିଛି ଚୋରି କରି ଆଣେ ନାହିଁ । ହକ୍ କାମକରେ– ଯାହା ବି ମିଳେ ତାକୁ ଖାଇ ଦିନଟେ ବିତାଇ ଦିଏ ।

ନଳିଆର କାହା ଉପରେ କିଛି ଅଭିଯୋଗ ନାହିଁ । ତା' ଉପରେ ବି କାହାରି କିଛି ଆଶା ନାହିଁ । ଜୀବନଟେ କେଡେ ସୁରୁଖୁରୁରେ ଚଳେ । ବିନା ସପ୍ନରେ, ବିନା ଆକାଂକ୍ଷାରେ ଜୀବନଟେ ଯେମିତି ଆଗକୁ ଆଗକୁ ଠେଲି ହୋଇ ଯାଉଥାଏ ।

ନଳିଆ କେବେ ମୁହଁ ଶୁଖାଇ ବସିଥିବାର ଗାଁର କେହି ଦେଖିନାହାନ୍ତି । ସବୁବେଳେ କିଛି ନା କିଛି ଗୁଣୁଗୁଣାଉଥାଏ। ସମସ୍ତଙ୍କ ସହ ହସି ହସି କଥା କୁହେ । ସମସ୍ତଙ୍କ ବୋଲହାକ ମାନେ । ଯିଏ ଯାହା ଦେଲେ ଖୁସି ମନରେ ତାକୁ ଗ୍ରହଣ କରେ ।

ନଳିଆକୁ ଦେଖିଲେ ଗୋଟେ ପ୍ରକାର ଅଜବ ଲାଗେ । ଅଜବ ଏଇଥିପାଇଁ ଯେ ଏ ଲୋକର ଦୁଃଖ ଯଦି

ଗଣାଯିବ, ତା'ର ତ ହିସାବ ମିଳିବ ନାହିଁ । କିନ୍ତୁ ବେଳେ ବେଳ ଲାଗେ ନଳିଆ କେଉଁ ସୁଖର ଜୀବନ ଜିଉଁଛି ଯେ ! ତେଣୁ ତା ହାଡୁଆ ମୁହଁରେ ଚିନ୍ତାର ସାମାନ୍ୟତମ ସୂଚନା ଦେଖିବାକୁ ମିଳେ ନାହିଁ ।

ନଳିଆ ଗାଁ ପିଲାମାନଙ୍କୁ ଖୁବ୍ ଭଲପାଏ ! ତାଙ୍କ ସହ ଖେଳେ । ଖେଳେ ନାହିଁ, ବରଂ ତାଙ୍କ ଖେଳରେ ସାହାଯ୍ୟ କରେ । ଯେମିତି କ୍ରିକେଟ୍ ବଲ୍‌କୁ ଦୂର ଜାଗାରୁ ଗୋଟାଇ ଆଣେ । ଆଉଟ୍ ହୋଇଯାଇଥିବା ଫୁଟବଲ୍‌କୁ ଧଇଁସଇଁ ହୋଇ ଦଉଡ଼ି ଯାଇ ନେଇଆସେ । ପିଲାମାନେ ଦାଣ୍ଡରେ ଦୌଡ଼ାଦୌଡ଼ି କରୁଥିଲେ ସେ ଗୋଟେ ଜାଗାରେ ନିର୍ବାକ ଭଳି ଠିଆ ହୋଇ ଆରମ୍ଭ କି ଶେଷ ଚିହ୍ନ ପାଳଟେ ।

ନଳିଆ କଥାକୁ ଯେତେ ଭାବିଲେ ସେତେ ଆଶ୍ଚର୍ଯ୍ୟ ଲାଗେ । ଲାଗେ ଏ ଲୋକ ବଂଚିଛିତ, ସେ ପୁଣି ବେଶ୍ ହସ ଖୁସିରେ । ଘର ଦ୍ୱାର ନାହଁ, ପଇସା ପତ୍ର ନାହିଁ, କିଛିବୋଲି ତ କିଛି ନାହିଁ ତା' ପାଖରେ । ଏକାନ୍ତ ନିଃସ୍ୱ । ହେଲେ ନଳିଆ ଖୁସିରେଥିବା ପରି ଗାଁର କେହି ତ ଲାଗନ୍ତି ନାହିଁ । ଏତେ ଏତେ ଜମିବାଡ଼ି, ଏତେ ଏତେ ଧନ ଦୌଲତ, ଏତେ ଏତେ ପଦପଦବୀରେ ଥିବା ଗାଁ ଲୋକ ତ ସବୁବେଳେ ଚିନ୍ତାର ଭାରରେ ଯେମିତି ବୋଝେଇ ହୋଇ ପଡିଥାନ୍ତି । ଧନ,ଦୌଲତ ସାଇତିବାରେ କିମ୍ବା ଧନ, ଦୌଲତ ବଢ଼ାଇବା ପାଇଁ କେତେ କେତେ ଧାଁ, ଧପଡ଼ କରୁଥାନ୍ତି । ଧନ,ଦୌଲତ ପାଇଁ ପିଟାମରା ବି ହୁଅନ୍ତି । ଚାକିରୀ-ବାକିରୀ ପାଇଁ ସେମାନେ କେଉଁ କେଉଁ ସ୍ତରକୁ ନ ଓହ୍ଲାନ୍ତି । ହେଲେ ନଳିଆର ହୋଲ୍ ନାହିଁ, ଡୋଲ୍ ନାହିଁ ।

ଦିନେ ନଳିଆକୁ ଜଣେ ଯାଇ ପଚାରୁ ପଚାରୁ ପଚାରି ଦେଲା -

"ନଳିଆ, ତୋର ମନରେ କ'ଣ କିଛି ସପ୍ନ ନାହିଁ ?"

ନଳିଆ ତା' ମୁହଁକୁ ବଲ ବଲ କରି ଅନାଇଲା ।

"ଆରେ ପଚାରୁଛି ପରା, ତୋର ଭବିଷ୍ୟତ ଆଶା, ଆକାଂକ୍ଷା ନାହିଁ ?"



ନଳଆ ତା' ମୁହକୁ ସେଇମତ ବଲବଲ କର ଅନାଇଲା ।

ଆରେ, ତୁ ଆଗକୁ କ'ଣ ହେବୁ ? ତୋର ଘରଦ୍ୱାର

ତୋର ସୁଖ, ସୁବିଧା, ତୋର ସପ୍ନ ?

ନଳିଆ ଏଥର ନ ହସି ରହି ପାରିଲା ନାହିଁ ।

ଫେଁକିନା ହସିଦେଲା, ହେଲେ ପ୍ରଶ୍ନ ପଚାରୁଥିବା

ଲୋକକୁ ଲାଗିଲା ଯେମିତି ନଳିଆ ହସୁନାହିଁ ତ

ତା' ଗାଲରେ ଠୋ' କିନା ଚାପୁଡ଼ା ଟେ ମାରିଦେଲା ।

ନଳିଆ ସେମିତି ହସି ହସି ଗୁଣୁଗୁଣାଇ ଗୁଣୁଗୁଣାଇ ସେଠାରୁ ଚାଲିଗଲା ।

ଅଧ୍ୟାପକ

ଖ୍ରୀଷ୍ଟ ମହାବିଦ୍ୟାଳୟ

କଟକ

●

# ବଉଳାର ବିଳାପ

**ଡ.ନିରଞ୍ଜନ ସାହୁ**

ସ୍ନେହର ନନ୍ଦିନୀ,

ମୋର ସ୍ନେହ ନେବୁ । ସ୍ନେହ ଦେବାଛଡ଼ା ମୋ ପାଖରେ ଆଉ କ'ଣ ବା ଅଛି ? ମୁଁ ଜାଣେ ତୁ କାନ୍ଦୁଥିବୁ । ମୋତେ ଖୋଜି ହେଉଥିବୁ । ତୋ ଲୁହ ପୋଛି ଦେବାପାଇଁ ମୁଁ ଜାଣିଛି ତୋ ପାଖରେ କେହି ନଥିବେ । ତୁ ବଡ଼ ନିରିମାଖୀ ହୋଇଗଲୁ । ମୁଁ ସବୁ ଅନୁଭବ କରିପାରୁଛି ଲୋ ଝିଅ । ହେଲେ ମୋର ଉପାୟ ନାହିଁ । ଈଶ୍ୱର ଆମକୁ ନିରିମାଖି କରିଛନ୍ତି । ଅସହାୟ ଭାବେ ଜୀବନ ବଂଚିବାକୁ ଜନ୍ମ ଦେଇଛନ୍ତି । ମନ ମୋର ବଡ଼ ବ୍ୟାକୁଳ ହେଉଛି, ହେଲେ ମୁଁ ନିରୁପାୟ ତୋର ହମ୍ବା ଡାକକୁ ମୁଁ ଝୁରି ହେଉଛି ।

ଆମେ ସାଥିହୋଇ ଘରୁ ବାହାରିଲେ । ବେଗୁନିଆ ହାଟ ଛକରେ ମୁଁ ଠିଆ ହୋଇଥାଏ । ତୁ ମୋ ପହ୍ନାରେ ମୁହଁ ମାରୁ ଥାଉ । ମୁଁ ଚିରା କାଗଜ ପାଟିରେ ସାଉଁଟୁଥାଏ । ଭୋକରେ ପେଟ ପୋଡି ଯାଉଥାଏ । ସକାଳ ପହରୁ ଘରୁ ଚାଲି ଚାଲି ଦିପହର ହେଇଥଏ । ପାଦ ଅବଶ ଲାଗୁଥାଏ । ଘାସ ନାହିଁ କି ପାଣି ଗଡ଼ିଆ ନାହିଁ । ହାଟ ପଡ଼ିଆରେ ଖାଉନ୍ଦ ଆମକୁ ବାନ୍ଧି ଦେଇଥିଲା । ବିକି ଦବ, କିଏ କାହା ଦୁଃଖ ବୁଝୁଛି ।

ଝିଅଲୋ ! ମୁଁ ଜାଣିନି ମୋ ଭାଗ୍ୟରେ କ'ଣ ଅଛି ? ହେଲେ ମୋ ଆଖିର ଲୁହରେ ତୋତେ ମୋ କଥା କହୁଛି । ଏ ପାପ ଜନମ ର ପ୍ରାୟଶ୍ଚିତ ପାଇଁ ଈଶ୍ୱର ବୋଧହୁଏ ମୋତେ ଜନମ ଦେଇଛନ୍ତି । ମନ ଦୁଃଖ କରିବୁନି । ପାପଛଡ଼ା ହେବା ପାଇଁ ଅମେ ଆସିଛେ । ଆଉ ଜନମକୁ ଦେଖା ହେବା ।

ମୁଁ ଯେବେ ଛୋଟଥିଲି ମୋତେ ହାଟରୁ କିଣି ଆଣିଲା ଖାଉନ୍ଦ । ବେକରେ ପଘା ଲଗାଇ ଘରକୁ ନେଲା । ସତଲୋ ଝିଅ ! ମୁଁ ସେବେ ଯାଏ ପଘା କ'ଣ ଜାଣିନଥିଲି । ମା'ପହ୍ନା ମୋ ପାଇଁ ସର୍ଗ ଥିଲା । ଯେଉଁ ଦିନ ମା'ଛାଡ଼ିଲି ସେଇଦିନୁ ଦୁଃଖ ମାଡ଼ି ଆସିଲା । କୁଣ୍ଡା ତୋରାଣି ଖାଇ ବଡ଼ ହେଲି । ଖାଉନ୍ଦାଣୀ ବଡ଼ ଭଲ ଲୋକ । ମୋ ପିଠି, ବେକ ସାଉଁଳାନ୍ତି । ସେତିକି ମୋ ପାଇଁ ବଡ଼ ଭାଗ୍ୟଲୋ ଝିଅ ।

ଧୀରେ ଧୀରେ ମୁଁ ବଡ଼ ହେଲି । ମୋ ଗର୍ଭ ହେଲା । ଗର୍ଭ ଯାତନା କି କଷ୍ଟ ତୁ ବୁଝିପାରିବୁନି ଝିଅ । ପଶୁ ଜନମ, ଆହା କରିବାକୁ କେହି ନାହିଁ । ଆଖିରୁ ଲୁହ ଗଡ଼ାଇବା ଛଡ଼ା କିଛି ନାହିଁ । ଗୁହାଳଟାରେ ପଡ଼ି ଛଟପଟ ହେଉଥାଏ । ବେଦନା କଥା ନକହିଲେ ଭଲ । ଜନମ ହେଲା କାଳିଆ । ପ୍ରଥମ ଗର୍ଭକୁ ପୁଅଟିଏ ଜନମ ହେଇଚି ଦେଖି ଖାଉନ୍ଦ ମୁହଁ ଶୁଖିଗଲା । ଖାଉନ୍ଦାଣୀ କହିଲା – "ମନ ଦୁଃଖ କରୁଛ କାହିଁକି ? ଯାକୁ ଷଣ୍ଢ କରବି। କାଳିଆ ଷଣ୍ଢ । ମାନସିକଥିଲା ଷଣ୍ଢଟିଏ ମହାଦେବଙ୍କୁ ଦାନ କରିବି । ତମର ମନେ ନାହିଁ ? ପୁଅଟିଏ ପାଇଁ ଷଣ୍ଢ ମାନସିକ କରିଥିଲେ !''

ଝିଅଲୋ ! ଏ ଲୋକ ଗୁଡ଼ାକ ଏଡେ ସାର୍ଥପର ? ମୋ ପୁଅକୁ ଦାନ ଦେବେ ବୋଲି ମାନସିକ କରନ୍ତି ? ଖାଉନ୍ଦ କହିଲା ନା-ନା ସେକଥା ହବନି । ଯାକୁ ବଳଦ କରିବା । ବଳଦ ଦାମ କେତେ ହେଲାଣି ଜାଣିଛ । ଅଣ୍ଡିରା ଛୁଆକୁ ଖାସୁ କରି ବଳଦ କରାଯାଏ । ଇଏ ହବ କାଳିଆ ବଳଦ ।

କାଳିଆକୁ ଚାଟୁ ଥାଏ । ଚାଟୁ ଚାଟୁ ସେ ଠିଆ ହେଲା । ବଡ଼ ସୁନ୍ଦରିଆଟେ ହେଇଥିଲା । ମୋ ପହ୍ନାରେ ମୁହଁ ମାରିଲା । କଷକ୍ଷୀର ସେ ପିଇଲେ ଟାଣୁଆ ହବ । ମୁଁ ଗୋଡ଼ ଫାଡ଼ି ଠିଆ ହେଲି । ସେ ତାର ସରୁ ମୁହଁରେ ମୋ ପହ୍ନା ଚାଟିଲା । ଝିଅଲୋ ! କି ସେ ଆନନ୍ଦ କଥାରେ କହିପାରୁନି । ମୋର ସବୁ ଗର୍ଭ ଯାତନା କୁଆଡେ ଉଭେଇଗଲା । ସେ ଆନନ୍ଦ ବେଶୀ ସମୟ ରହିଲା ନାହିଁ । କଳିଆର ବେକରେ ପଘା ବନ୍ଧା ହେଲା ମୋକ୍ଷୀର ପିଇପାରିଲାନି କାଳିଆ । ସବୁକ୍ଷୀର ଦୁହିଁଦେଲେ ଖାଉନ୍ଦ, ଖାଉନ୍ଦାଣୀ । ମୋ ପହ୍ନା ଶୁଖିଲା ପଡ଼ିଲା । ଆଖିରୁ ଲୁହ ଝରିଲା ।

କାଳିଆ ବଡ଼ ହେଲା । ଗାଁ ଦାଣ୍ଡରେ ଡିଆଁ ମାରିଲା । ଘାସ, କୁଟା, କୁଣ୍ଡାତୋରାଣି ଖାଇ ବଢ଼ିଲା । ଖାଉନ୍ଦ ମୋ କ୍ଷୀର ବଜାରରେ ବିକିଲା । ମୋ ଆଖି ଆଗରେ କାଳିଆ ବଳଦ ହେଲା । ବେପାରୀ ତାକୁ କିଣିନେଲେ । ମୋ ବଡ଼ ପୁଅ ବିକା

ଦୁଃଖରେ ମୁଁ ଭାଙ୍ଗିପଡ଼ିଲି । ସେ ଏବେ କୋଉଠି ଥିବ, କ'ଣ କରୁଥିବ ? ସେ କଥା ଭାବିଲେ ଛାତି ଫାଟିଯାଉଛି । କାଳିଆ ସାଥିରେ କେବେ ଆଉଥରେ ଦେଖା ହୁଅନ୍ତା କି ଆଖି ପୁରେଇ ଟିକେ ଦେଖନ୍ତି । ଈଶ୍ୱରଙ୍କର କଣ ଦୟା ହେବ ଯେ, ମୁଁ କାଳିଆକୁ ଦେଖି ପାରିବି ? ଶୁଣିଲି କାଳିଆ ଆର ଗାଁରେ ଶଗଡ଼ ଟାଣୁଛି, ହଳ କରୁଛି ।

କାଳିଆ ଦୁଃଖରେ ଆହାର ଛାଡ଼ି ଦେଲି । ଅଭିମାନରେ ମନମାରି ରହିଲି । ଦେହ ମୋର ଖିନ ହେଲା । ଝିଅଲୋ, ଦ୍ୱିତୀୟ ଗର୍ଭକୁ ଜଟିଆଟିଏ ଜନ୍ମ ହେଲା । ଇଏ ବି ପୁଅ । ଜଟିଆକୁ ବଳଦ ହେବାକୁ ପଡିଲାନି । ସେ ଷଣ୍ଢ ହେଲା । ଗୋଠରେ ବୁଲିଲା । ତୃତୀୟ ପକ୍ଷକୁ ତୋର ଜନ୍ମ । ଖାଉନ୍ଦାଣୀ ଶ୍ରଦ୍ଧାରେ ତୋ ନାଁ ରଖିଲେ ନନ୍ଦିନୀ । ଝିଅଲୋ ଏବେ ତୋ ଭାଗ୍ୟ । ମା' ହେବା ଯେ କେତେ କଷ୍ଟ ତୁ ବୁଝିପାରିବୁନି । ତୋ ଭାଗ୍ୟ ତୋର । ମୋ ଭାଗ୍ୟ ମୋର ।

ମାଡ଼କୁ ମୋର ଭାରି ଭୟ । ଦେଖିଲି ଠେଙ୍ଗା ପାହାର ଦିଟା ମୋ ପିଠିରେ ପଡ଼ିଲା, ଲୋକଟା ପଠାଣ । ମୁଁ ଭାବିଲି – ହାୟରେ ବିଧାତା ଶେଷରେ ମୁଁ ପଠାଣ ହାତରେ ବିକା ହେଲି । ଏତେ କ୍ଷୀର ଦେଲି, ଏତେ ଗୋବର ଖତ ଦେଲି । ଖାଉନ୍ଦ ଘରର ମଙ୍ଗଳ ପାଇଁ ବଡ଼ ଶିଙ୍ଗରେ ସବୁ ବିପଦ ଟାଳିନେଲି । ଶେଷରେ ବୁଢ଼ୀ ବୟସରଙ୍କ ପଠାଣ ହାତରେ ଗଲି ।

ଝିଅଲୋ ! ମୁଁ ପଛକୁ ଅନାଇଁ ଅନାଇଁ ଚାଲୁଥାଏ, ମୋ ଆଖି ତୋତେ ଖୋଜୁଥାଏ । ତୁ ଆଉ ଦିଶୁ ନଥାଉ । ଶେଷରେ ପାଣିଟୋପାଏ ପାଇଁ ତହଳ ବିକଳ ହେଉଥାଏ । ଛି ଜନମ । ଈଶ୍ୱର ଜନମ ଦେଲା ଅଥଚ ପାଟି ଖୋଲି କହିବାର ଭାଷା ଦେଲାନି । ପହ୍ନାରେ ଅମୃତ ଦେଲା, ଗୋବରରେ ମହୋଷଧି ଦେଲା ଅଥଚ ପରାଶ୍ରିତ କଲା । ହାୟରେ ବିଧାତା ।

ନୀରବରେ ସମସ୍ତେ ଚାଲିଥାନ୍ତି । ମୋ ପରି ଅନେକ ନୀରିମାଖି । ଲାଠିମାଡ଼ ପଡୁଥାଏ । ବାଟରେ ପଡୁଥାଏ ଛୋଟ ଛୋଟ ଗାଁ, ସୁନ୍ଦର ଫସଲ, ଘାସ ପଡ଼ିଆ, କାଚକେନ୍ଦୁ ଜଳାଶୟ । ଆକାଶରେ ଉଇଁ ଆସୁଥାଏ ସୁନ୍ଦର ଜହ୍ନ । ହେଲେ ଆମେ ଚାଲିଥାଉ ଅଲକ୍ଷରେ ।

ଝିଅଲୋ ! ଆମ ଭିତରେ ଭାଳେଣି ପଡ଼ିଗଲା । ବଡ଼ ଟ୍ରକ୍‌ରେ ଲଦା ହେଲୁ । ନିଶ୍ୱାସ ମାରିବା କଷ୍ଟ । ହଠାତ୍ ଲାଠିପାହାର ମୋ ପଛଗୋଡ଼ରେ ବାଜିଲା । ମୁଁ ଲଥକରି ଶୋଇପଡ଼ିଲି । ଦେଖିବାର ସୁଯୋଗ ନାହିଁ । ଡାହାଣ ଗୋଡ଼ଟା ମଡ଼ କରି ଭାଙ୍ଗିଗଲା । ଆଉ ଏକ ପାହାର ପଡ଼ିଲା ବାମ ଗୋଡଟା ଭାଙ୍ଗି ପଡ଼ିଲା । ମୁଁ ହମା କହି ଚିତ୍କାର କଲି । ଦେଖିଲି ଲୋକଟା ବଡ଼ ଭୟଙ୍କର । ହାତରେ ଲାଠି ନାହିଁ । ଧରିଛି ଗୋଟେ ଲୁହା ମୁଦ୍‌ଗର । ମୁଁ ଭାବିଲି – "ମାଲୋ ତୁ ଏତେ ହୀନ ଜନମ କାହିଁକି ଦେଲୁ ? ଏତେ ଯାତନା ପରେ କ'ଣ ପାପ ଛାଡ଼ିଲା ନାହିଁ ଯେ, ଶେଷରେ ଲୌହ ମୁଦ୍‌ଗର ପାହାର ଖାଇବାକୁ ପଡ଼ିଲା ।

ମୋ ପାଖରେ ଆଉ ଗୋଟେ ପଡ଼ି ଛଟପଟ ହେଉଥାଏ । ମୋ କଷ୍ଟ ଦେଖି ସେ କହିଲା – "ସହିଯାଅ ମା', ଇଏ ଭାଗ୍ୟର ବିଡ଼ମ୍ବନା । ସହିବା ଛଡ଼ା ଆମର ଭିନ୍ନ ଉପାୟ ନାହିଁ । ଈଶ୍ୱରଙ୍କ ସୃଷ୍ଟିରେ ଆମେ ନିରୀହ ଜୀବ । ଆମକୁ ବାନ୍ଧି ମରାଯାଉଛି । ଏ ପୃଥିବୀ ଫାଟିଯିବ । ଧରା ବିପନ୍ନ ହବ । ମା' ଦୁର୍ଗା ଏମାନଙ୍କୁ ବଂଚାଇବା ପାଇଁ ଆଉ ଶାକମ୍ଭରୀ ହେବେ ନାହିଁ । କାଳୀ ରୂପ ଧାରଣକରି ବିନାଶ କରିବେ । ଏ ସବୁ ଖର୍ପରେ ଯିବ ।"

ତୁ କିଏ ? ମୁଁ ତୋ ପରି ଗୋଟେ ମା'ର ଛେଉଣ୍ଡ ପୁଅ ।

ବଉଳା ପଚାରିଲା – "ତୁ ପିଲାଟା, ବୁଢ଼ା ତ ହୋଇନୁ । ତୋତେ କଂସେଇକୁ ବିକି ଦେଲା କିଏ ?

ମୋ ମାଲିକ । ମୁଁ ରକ୍ଷା ପାଇ ଯାଇଛି ମା' । ସେଠା ଅପେକ୍ଷା କଂସେଇ ହାତରେ ବିକା ହେବା ଭଲ । ଯେତେ ଶୀଘ୍ର ମୃତ୍ୟୁହେବ ସେତେ ମଙ୍ଗଳ ।

କାହିଁକି ?

ମଲେ ପୁଣି ଜନ୍ମ ନେବି । ପାପକରି ଥିଲି ବୋଲି ହଡ଼ା ବଳଦ ହେଲି । ଶଗଡ଼ ବୋହିଲି । ଚାଷକଲି । ଦିନକର ହେଇନି ମା'କ୍ଷୀର ଛାଡ଼ିଲି । ପଥର କାଠ, ମାଟି, ବାଲି ବୋହିଲି । ଘାସ କେରାଏ ମୋ ପାଇଁ ସାତ ସପନ ହେଲା । ଖାଲି କୁଟା-ପାଳ ଚୋବାଇ ଚୋବାଇ ବଂଚିବା ଅପେକ୍ଷା କଂସେଇ ହାତରେ ଯିବା ଭଲ ।

ବଉଳାର ମନେ ପଡ଼ିଲା । କାଳିଆଟା ଏମିତି କୋଉଠି ଖଟୁଥିବ । ଦିନକର ହେଇନି କ୍ଷୀର ଛାଡ଼ିଲା, ଘାସ

ତ କେରାଏ ପାଇଲ ନାହିଁ । ଭଲ ବଳଦ ବୋଲି ଚଢ଼ା ଦାମରେ ବିକା ହେଲା । ବିଚରା କୋଉଠି ଥିବ ?

ମା' କ'ଣ ଭାବୁଚ ?

କାଳିଆ କଥା । ତୋ ପରି ମୋର ଗୋଟେ ପୁଅଥିଲା ।

କାଳିଆ, କାଳିଆ ମୋର ସାଙ୍ଗ । ମୋ ନାଁ ବିଶିଆ, ତା ନାଁ କାଳିଆ ।

ତମେ ବେଗୁନିଆ କାଳିଆ କଥା କହୁଚତ ?

ହଁ, ତୁ ତାକୁ ଦେଖିଛୁ ! ଚିହ୍ନିଛୁ ।

ଦେଖିଛୁ ମାନେ, ଆମେ ଦିଟା ରାସ୍ତାରେ ଯାଉଛୁ ମାନେ ହାତୀ ଦିଟା ଯାଉଛୁ । ଲୋକଙ୍କର ଆମ ଉପରେ ଆଖି । ପଥର ପାଣିହବ ହେଲେ ଆମ ଦେହରୁ ବଳ ହଟିବନି । କଥା କହୁ କହୁ ଚୁପ୍ ହୋଇଗଲା ବିଶିଆ ।

ଆରେ ଚୁପ୍ ହୋଇଗଲୁ ଯେ, ଆଉ ଦି ପଦ କାଳିଆ କଥା କହ । ଏବେ ସେ କୋଉଠି ଅଛି ?

ବହୁ କଷ୍ଟରେ ବିଶିଆ କହିଲା – ମା' ! ଆମେ ପାହାଡରୁ ପଥର ବୋହୁଥିଲୁ । ପଥର ଆସିଲେ ଘର ତିଆରି ହବ । ମାଲିକର କୋଠାଘର ତିଆରି ହେବ । ପୁଅ ବାହାଘର ପାଇଁ ନଅର ତୋଳା ହେବ । ବୋହୂ ଆସିବ । ନିଅଁ ଖୋଳା ହେଇଚି । ପଥର ଆସିଲେ ନିଅଁ ତିଆରି ହବ । ପଥୁରିଆ ପାଖ ପାହାଡ଼ରେ ପଥର ଫଟାଉଚି । ମାଲିକ ଶଗଡ଼ ନେଇ ପାହାଡ଼ ଉପରେ । ପାହାଡ଼ରେ ବାରୁଦ । ବାରୁଦ ବିସ୍ଫୋରଣ ହେଲା, ମୁଁ ଛିଟିକି ପଡ଼ିଲି । ମୋ ଦେହ ଅଧା ଜଳିଗଲା, ଖଣ୍ଡିଆ ଖାବରା ହେଲି । ବାରୁଦ ଆଘାତରେ ପିଠିରେ ଘା' ହେଲା, ଶୁଖିଲା ନାହିଁ । ଗୁହାଳେ ପଡ଼ି ରହିଲି । କେତେକାଳ ଆଉ ମାଲିକ ଘରେ ବସାଇ ଖାଇବାକୁ ଦବ । କଂସେଇକୁ ବିକିଦେଲା ।

ଆଉ କାଳିଆ ?

ବାରୁଦ ବିସ୍ଫୋରଣରେ କାଳିଆ ଜଳିଗଲା ମା' ତାକୁ ମୁଁ ଆଉ ଦେଖିବାକୁ ପାଇଲି ନାହିଁ । ଖାଲି ଶୁଣିଥିଲି – ହଁମା ।



ବଉଳା ଆଖିରୁ ଧାର ଧାର ଲୁହ ଝରି ପଡୁଥିଲା । କାଳିଆର ମୃତ୍ୟୁରେ ଶୋକ କରିବାକୁ କେହି ନଥିଲେ ମଧ୍ୟ ବଉଳା ବିଳାପ କରି ଉଠିଲା । ପୁଅରେ ମୁଁ ସିନା ଜନମ ଦେଇଥିଲି, ହେଲେ କରମ ଦେଇନି । ସେ ସବୁ ଈଶ୍ୱର ହାତରେ ଧନରେ ତୋ ଆତ୍ମାର ସଦ୍‌ଗତି ହେଉ । ଗୋଡ଼ତ ଭାଙ୍ଗି ଯାଇଥିଲା । ଉପରକୁ ଉପର ଲଦା ହୋଇଥିଲେ ଗୋରୁ । ଜିଭ ବଢ଼ାଇଲା ବଉଳା ।

ବିଶିଆର ବାରୁଦ ଘା'ରେ ଜିଭ ବୁଲାଇ ଦେଇ କହିଲା - ଧନରେ ! ତୁ କାଳିଆର ସାଙ୍ଗ । ମୋ ପୁଅପରି, ଏ ବେଳରେ ମୋ ପାଖରେ କ'ଣ ବା ଅଛି , ଆଉ ଅଛି ମା'ର ଏକ ଶେଷ ସମ୍ବଳ ।

ଟ୍ରକ ଉପରେ ଖୁରାଘାତରେ ବଉଳାର ଚେତା ଆସିଲା । ସେ ଦେଖିଲା କେତେ ମରିଯାଇଛନ୍ତି । ବିଶିଆକୁ ଖୋଜିଲା । ତାର ମୃତ ଶରୀରଟି ନିଶ୍ଚଳ ପଥର ପରି ପଡ଼ିରହିଥାଏ । ବିଶିଆର ଆଖିରୁ ରକ୍ତର ଲୁହ ବୋହି ଆସିଥାଏ । ସେ ଲୁହ ଯେମିତି କହୁଥାଏ । "ତମେ ଆମକୁ କ'ଣ ମାରିବ ? ଆମେ ତ ନିରୀହ ପଶୁ କଷ୍ଟ ପାଇ ମରିବା ଆମରଜୀବନ । ଭଗବାନ୍ ତୁମକୁ ସଦ୍‌ବୁଦ୍ଧି ଦିଅନ୍ତୁ ।

ବାଟରେ ପୋଲିସ୍ ଭେଟ ହେଲା । ମୁଁ ଭାବିଲି ମୋର ତ ଦରମରା ଅବସ୍ଥା । ଆଉ ସମସ୍ତଙ୍କର ଜୀବନ ବଂଚିଯିବ । ପୋଲିସ୍ ଟ୍ରକ ଅଟକାଇଲା । ଡ୍ରାଇଭର ଟଙ୍କା ଲାଂଚଅଦେଲା । ପୁଣି ଟ୍ରକ ଚାଲିଲା ଆଗକୁ ଆଗକୁ ।

ଆମେ କଂସେଇ ଖାନାରେ ପହଂଚିଲୁ। ସେଠି ମୋର ହେତୁ ପଶିଲା ଯେ, ଆଉ ନିସ୍ତାର ନାହିଁ । ଆଉ ଶାଗୁଆ ଘାସ, ରାକ୍ଷୀ ପୂର୍ଣ୍ଣିମାର ଅବିର ଟୀକା, ଗୋପାଷ୍ଟମୀର ଚକୁଳିପିଠା, ଦୀପଧୂପର ପୂଜା ସବୁ ମିଛ । କଂସେଇଖାନା କେବଳ ସତ ।

ଝିଅଲୋ ! ମୋର ସମଗ୍ର ଶରୀର ଥରି ଉଠୁଥାଏ । ମୁଁ ଦେଖୁଥାଏ ମୋ ଆଗରୁ ଆସିଥିବା ଗାଈମାନଙ୍କର ଅବସ୍ଥା । ମୋ ପରି ଅନେକଙ୍କର ଠିଆ ହେବାର ଅବସ୍ଥା ନାହିଁ । ସେମାନଙ୍କୁ ଘୋଷାଡ଼ି ଘୋଷାଡ଼ି ନିଆଯାଉଛି । ମହାରାଜ ଦିଲ୍ଲୀପ ଆଜି ନାହାନ୍ତି । ନିଜ ଜୀବନ ବିନିମୟରେ ଜୀବନ ରକ୍ଷା କରିବାକୁ । ଏ ଅବସ୍ଥାରୁ ରକ୍ଷାପାଇଁ ସହାୟ କେହି ନାହିଁ ।

ମୋ ଗୋଡ଼କୁ ବାନ୍ଧି ଦିଆଗଲା । ମାଂସ କଟାଳି ପହଂଚିଗଲେ । ମୋ ପିଠିରେ ଗରମ ପାଣି ପଡ଼ିଲା । ମୋ ଶିଙ୍ଗ କାଟି ନିଆଗଲା । ମୋର ଦେହ, ମନ, ହୃଦୟ ଆତ୍ମା ବିଳାପ କରି ଉଠିଲା । ମୋ ବେକରେ ହଠାତ୍ କଣ ଗୋଟେ ବାଜିଲା । ଦେହରୁ ମୁଣ୍ଡଟା ଅଲଗା ହୋଇଗଲା । ପାଟିରୁ କେବଳ କଥାପଦେ ବାହାରି ଆସିଲା ହଁ ମା...

ହିନ୍ଦୁମାନଙ୍କୁ ମୁଁ ପଚାରୁଛି – ଯେଉଁ ମା' ବର୍ଷେ କିମ୍ବା ଦୁଇ ବର୍ଷ କ୍ଷୀରପାନ କରାଏ ତାକୁ ମା' କୁହନ୍ତି, ଅଥଚ ଯାହାର କ୍ଷୀର ସାରା ଜୀବନ ଖାଇବାକୁ ମିଳେ ତାକୁ ମା' ବୋଲି କହିବାକୁ କଣ୍ଠରୁଦ୍ଧ କାହିଁକି ? ଧିକ୍ ଏ ଦେଶକୁ । ଏ ଦେଶରେ ମହାବୀର, ବୁଦ୍ଧ, ଜ୍ଞାନେଶ୍ୱର, ଅରବିନ୍ଦ, ଗାନ୍ଧୀ, ବିନୋବା ଜନ୍ମ ନେଲେ ଓ ମଲେ ଅଥଚ କେହି ଏ ରାକ୍ଷସଭମାନଙ୍କ କବଳରୁ ରକ୍ଷା କରିପାରିଲେ ନାହିଁ । କେବଳ ଶ୍ଳୋଗାନ ଦେଲେ– "ଗୋମାତା", ଗୋ ହତ୍ୟା ମାନବ ହତ୍ୟା

ଝିଅଲୋ ! ଏ ଦେଶକୁ ମୁଁ ଆଉ ଅଭିଶାପ କ'ଣ ଦେବି ? କେବଳ ଯେଉଁମାନେ ଆମ ଦେହରେ ତେତିଶକୋଟି ଦେବତାଙ୍କ ବାସ ବୋଲି କହିଲେ, ମୁଁ ସେମାନଙ୍କ କଥା ଭାବୁଛି । ଆମେ କେତେ ଅସହାୟ !

ଝିଅଲୋ ! ମୁଁ ବିଦାୟ ନେଉଛି । ମାଟି ମା ବିଦାୟ ।

॥ ଇତି ॥

ତୋର ପ୍ରିୟ ବଉଳା
ଅପର୍ଣ୍ଣାନଗର
କଟକ

●

# ଦୁର୍ବାର

ମମତା ଖଣ୍ଡାୟତ ରାୟ

ଶୀତୁଆ ସକାଳ । ଦେହକୁ ଜଗି ରହିଛି କମ୍ବଳ, ଭିତରେ ଉଷୁମ୍ , ବାହାରେ ଥଣ୍ଡା । ତଥାପି ଉଠିବାକୁ ହେବ କୁନାକୁ। କାହିଁକିନା ଡଙ୍ଗା ଭସାଇବ । ଓଡ଼ିଶାର ପ୍ରାଚୀନ ସଂସ୍କୃତିକୁ ମନେପକାଇବ । ଯେଉଁ ଦିନ ଓଡ଼ିଆ ସାଧବମାନେ ଏହି ମହାନଦୀ ବକ୍ଷରେ ନିଜର ବାଣିଜ୍ୟ ବ୍ୟବସାୟର ପ୍ରଥମ ଯାତ୍ରା ଆରମ୍ଭ କରିଥାନ୍ତି । ଛୋଟପିଲାଟା ବୟସ ଆଠ ବର୍ଷ । ପୂର୍ବରାତ୍ରିରେ ମା' ସହିତ ଜିଦି କରିଥିଲା । ଡଙ୍ଗା ଭସାଇବା ପାଇଁ । ଆଜି କିନ୍ତୁ ଶୋଇ ରହିଛି । ମା' ଡାକ ଦେଲେ -

- କୁନା ଉଠ୍ ! କେତେ ସମୟ ଶୋଇବୁ ଯେ ଡଙ୍ଗା ଭସାଇ ଯିବୁ ପରା । ଗଡ଼ଗଡ଼ିଆ ଘାଟକୁ ଯିବାପରା ।

କୁନା, ମା'ର ଡାକରେ କମ୍ବଳର ଉଷୁମ୍ ଛାଡ଼ି ଧଡ଼ପଡ ହୋଇ ଉଠିପଡ଼ିଲା । ମା' ସହିତ କୁନା ଚାଲିଲା ଡଙ୍ଗା ଭସାଇବାକୁ ଗଡ଼ଗଡ଼ିଆ ଘାଟକୁ, ଗଡ଼ଗଡ଼ିଆ ଘାଟର ଚାରିଆଡେ ଆବର୍ଜନା । କୁନାକୁ ଘୃଣା ଲାଗୁଥାଏ ।

- ମା' ! ମୋତେ ଏଠି ଭାରି ଅପରିଷ୍କାର ଲାଗୁଛି । ଛି ଛି ଏତେ ଅପରିଷ୍କାର ଏ ମହାନଦୀ ପାଣି ।

- ଏମିତି କହନା ! ନଦୀ ପରା ଆମର ମା ! ମା'କୁ କେ କ'ଣ ଅପରିଷ୍କାର କହେ ।

କୁନା ଏବଂ ତା'ର ମା'ର କଥାକୁ ଶୁଣୁଥାଏ ମହାନଦୀ । ମହାନଦୀ ମନରେ ଅନେକ ଦିନୁ ଦୁଃଖ ରହିଛି । କାହା ଆଗରେ କହିବାକୁ ସୁଯୋଗ ପାଉ ନଥିଲା । ଅନେକ ସମ୍ଭାଳି ଆସିଛି ତା'ର ସନ୍ତାନମାନଙ୍କର ଦାଉ ଧୋକ୍କା, କିନ୍ତୁ ଏବେ ତା' ପାଇଁ ଅସମ୍ଭାଳ । ଶେଷକୁ ମହାନଦୀ କହିଲା -

- କୁନା ! ତୁମେ ଯାହା କହୁଛ ଠିକ୍ । ମୁଁ ଅପରିଷ୍କାର, ମୁଁ ଘୃଣାର ପାତ୍ର । ମୋତେ ସମସ୍ତେ ଦେଖି ନାକଟେକନ୍ତି । କିନ୍ତୁ ମୋର ଏଭଳି କଦର୍ଯ୍ୟ ରୂପ ପାଇଁ ଦାୟୀ କିଏ ? ତୁମେ ଛୋଟ ପିଲା, ଜାଣି ପାରିବନି ।

- ମୁଁ ତ ଦେଖୁଛି ତୁମେ ଅପରିଷ୍କାର ।

- ହଁ, ତେବେ ଶୁଣ ମୋର ଦୁଃଖ ।

ମୁଁ ମଧ୍ୟପ୍ରଦେଶର ଅମରକଂଟକଣ୍ଡ ମାଳଭୂମିରୁ ବାହାରି ଓଡ଼ିଶାର ଝାରସୁଗୁଡ଼ା ଜିଲ୍ଲାର ସରେଇପାଲି ଗ୍ରାମ ନିକଟରେ ଓଡ଼ିଶାରେ ପ୍ରବେଶ କରିଛି । ଓଡ଼ିଶାର ସମ୍ବଲପୁର, ବାଲାଙ୍ଗିର, ଫୁଲବାଣୀ, ଢ଼େଙ୍କାନାଳ, ନୟାଗଡ଼, ପୁରୀ ଓ କଟକ ଜିଲ୍ଲାମାନଙ୍କରେ ପ୍ରବାହିତ ହୋଇ ଶେଷରେ ପାରାଦ୍ୱୀପ ନିକଟସ୍ଥ ବତୀଘରଠାରେ ବଙ୍ଗୋପସାଗରରେ ପଡିଛି । ମୋର ଦୈର୍ଘ୍ୟ ୮୫୮ କିଲୋମିଟର, ଅଙ୍ଗ, ଇବ୍ ଓ ତେଲନଦୀ ମୋର ଉପନଦୀ । ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ମୁଁ ସଦାସର୍ବଦା ଚେଷ୍ଟିତ । ସମ୍ବଲପୁରର ହୀରାକୁଦ ଠାରେ ମୋର ଶଯ୍ୟାରେ ବନ୍ଧପକାଇ ଜଳକୁ ଅଟକାଇ ଶକ୍ତି ଉତ୍ପାଦନରେ ବ୍ୟବସ୍ଥା କରାଯାଇଛି । ଏହି ଯୋଜନା ଦ୍ୱାରା ଓଡ଼ିଶାର ୧୦ଲକ୍ଷ ହେକ୍ଟର ଜମି ଜଳସେଚିତ ହେଉଛି । ୨୭୦ ମେଗାୱାଟ୍ ଜଳବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୋଇପାରୁଛି । ମୋର ଶାଖାନଦୀ ମଧ୍ୟରେ କାଠଯୋଡ଼ି, କୁଆଖାଇ, ବିରୂପା, ଦେବୀ, ଦୟା ଓ ଭାର୍ଗବୀ ପ୍ରଧାନ । ଓଡ଼ିଶାର ସଂସ୍କୃତି, ରାଜନୀତି, ଅର୍ଥନୀତି ଓ ସାମାଜିକ ଉତ୍‌ଥାନ ଓ ପତନ ସହିତ ମୁଁ ଜଡ଼ିତ । ଜୀବନ ସାରା ମୁଁ ମୋର ତୀରବାସୀମାନଙ୍କର ସେବା କରିଆସୁଛି । ମୋର ଜଳରେ ଉତ୍କଳ ଶସ୍ୟଶ୍ୟାମଳା ହୋଇପାରିଛି । କିନ୍ତୁ ମୋର ଜୀବନରେ ଅନେକ ଦୁଃଖ ଅଛି । ଖୋଜୁଥିଲି ସେହି ଦୁଃଖ ବଖାଣିବାକୁ ବନ୍ଧୁଟିଏ ।

ସଭ୍ୟ ମଣିଷ ମୋ ପାଇଁ ଅସଭ୍ୟ ହୋଇଉଠିଛି । ମୋର ନିର୍ମଳତାକୁ ନଷ୍ଟ କରିଚାଲିଛି । ମୃତ ବ୍ୟକ୍ତିମାନଙ୍କର ଅର୍ଦ୍ଧଦଗ୍ଧ ଶରୀରକୁ ମୋ ଗର୍ଭରେ ନିକ୍ଷେପ କରୁଛି । ଅନେକ ସ୍ଥାନରେ ବାର୍ଷିକ ପ୍ରାୟ ହଜାର ହଜାର ଗୋରୁ ଗାଈ, ମଇଁଷି ଓ କୁକୁରଙ୍କର ଶବ ମୋ ଜଳ ମଧ୍ୟକୁ ନିକ୍ଷେପ କରାଯାଉଛି । ଯାହାଦ୍ୱାରା କି ମୁଁ ପଚାଗନ୍ଧରେ ସଢ଼ି ଯାଉଛି । ମୋତେ ଅଣନିଃଶ୍ୱାସୀ ଲାଗୁଛି । ଏତଦ୍ ବ୍ୟତୀତ ନିଜର ସ୍ୱାର୍ଥକୁ ସାକାର



ମୋ ଅବବାହିକାରୁ ପ୍ରଚୁର ପାଣି ବହିନେଉଛନ୍ତି । ଏବେ ଶୁଣିବାକୁ ପାଉଛି ପାରାଦ୍ୱୀପର ଇଣ୍ଡିଆନ୍ ଅଏଲ୍, ପୋସ୍କୋ ମୋ ପାଣି ନେବେ । ଏତଦ୍‌ବ୍ୟତୀତ ତାଳଦଣ୍ଡା କେନାଲରୁ ଏସିଆନ କମ୍ପାନୀ ପାଣିନେବାର ବ୍ୟବସ୍ଥା କରାଯାଇଛି । ଯଦି କମ୍ପାନୀମାନେ ଏଭଳି ପାଣିନେବେ ତେବେ ସମୟ ଆସିବ ମୋ ଗର୍ଭ ଶୁଖିଯିବ । ଯାହାଦ୍ୱାରା କି ମୋ ଅବବାହିକାରେ ଶସ୍ୟଶ୍ୟାମଳା ଭୂମି ମରୁଭୂମି ପାଲଟିଯିବ । ଆଉଗୋଟିଏ ବଡ଼କଥା ହେଉଛି ପରିବେଶ ପ୍ରଦୂଷଣ ହେବାଦ୍ୱାରା ତାପର ପ୍ରଖରତା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ପୂର୍ବର ବୃଷ୍ଟିପାତ କମିବାକୁ ଲାଗିଲାଣି ।

କରିବା ନିମନ୍ତେ କଳକାରଖାନା ତିଆରି କରୁଛି । କଳାକାରଖାନାରୁ ନିର୍ଗତ ସମସ୍ତ ଆବର୍ଜନା ମୋ ଜଳ ମଧ୍ୟକୁ ପାଇପ୍ ଦ୍ୱାରା ଛାଡ଼ି ଦେଉଛନ୍ତି । ଯାହାଦ୍ୱାରା କି ମୋ ଜଳକୁ ନେଇ ବଂଚୁଥିବା ଜଳଚର ପ୍ରାଣୀମାନେ ମୃତ୍ୟୁମୁଖରେ ପଡୁଛନ୍ତି । ଏତଦ୍ ବ୍ୟତୀତ ବିଭିନ୍ନ ସହର ମାନଙ୍କରେ ଯେଉଁ ପୂଜା ପାର୍ବଣ କରୁଛନ୍ତି, ତାହା ଶେଷ ହେବା ପରେ ମୃଣ୍ମୟୀବିଗ୍ରହ ମାନଙ୍କୁ ମୋ ଶରୀରରେ ନିକ୍ଷେପ କରୁଛନ୍ତି । ତୁମେ ଦେଖୁଥିବ ଦଶହରା ଭସାଣୀରେ କଟକର ଦେବୀଘାଟର ଅବସ୍ଥା ।

ଏତ ଆବର୍ଜନାର କାହାଣୀ, ଆଉ ଏକ ଦୁଃଖ କାହାଣୀ ହେଉଛି, ମୋ ଜଳକୁ କମ୍ପାନୀମାନଙ୍କୁ ବିକ୍ରି କରିଦିଆଯାଉଛି। ଯାହାଦ୍ୱାରା କି ମୋର ଜଳସ୍ତର କ୍ରମଶଃ କମି କମି ଯାଉଛି । ରୋଗଗ୍ରସ୍ତ ମଣିଷ ପରି ମୁଁ ଛଟପଟ ହେଉଛି । ଆଠଗଡ଼ ଆରତୀଷ୍ଟିଲ୍, ଚୌଦ୍ୱାରସ୍ଥିତ ଆଇସିସିଏଲ୍‌ର ଥର୍ମାଲ ମଣିଷର ଏପରି ଦୁଷ୍କର୍ମ ମୋ ପାଇଁ କଷ୍ଟଦାୟକ ହେଉଛି । ମୁଁ କଦାପି ଅପରିଷ୍କାର ନଥିଲି, ମୋ ଜଳ ଲୋକମାନେ ପାନୀୟ ରୂପେ ବ୍ୟବହାର କରୁଥିଲେ । କିନ୍ତୁ ଆଜି କାହିଁ ?

ସପ୍ନମୋର ସପ୍ନରେ ରହିଗଲା । ଭାବିଥିଲି ସମାଜ ବଦଳୁଛି । ଏଥର ମୋର ଆଉ ଦୁଃଖ ରହିବ ନାହିଁ କିନ୍ତୁ ଦୁଃଖ ବଢ଼ିବାରେ ଲାଗିଛି । ଅହଂକାରୀ ମନୁଷ୍ୟ ନିଜ ଅହଂକାରକୁ ଚରିତାର୍ଥ କରିବା ପାଇଁ ମୋ ଉପରେ ଦାଉ ସାଧୁଛି । ଚିନ୍ତା କରୁନାହିଁ କ୍ଷତି କାହାର ହେବ ? ମୁଁ ତ ମରିଯିବି, କିନ୍ତୁ ମୋ ବିନା ବଂଚି ପାରିବେ ଓଡ଼ିଶାବାସୀ । ମୋତେ ପୁତିଗନ୍ଧରେ ପୋତିଦେଲେ, ସେମାନେ କ'ଣ ଗନ୍ଧଯୁକ୍ତ ହେବେ ନାହିଁ !


ଅଧ୍ୟାପିକା

ଲକ୍ଷ୍ମୀନାରାୟଣ ସାହୁ ମହାବିଦ୍ୟାଳୟ

ଜଗତପୁର, କଟକ

# ସମୟ ସ୍ରୋତାର ଜୀବନ

**ବିଭୁଦତ୍ତ ଖଣ୍ଡାୟତ ରାୟ**



**ବ**ବ୍‌ଲୁ ତୁ କେମିତି ଅଛୁ ? କେତେଦିନ ହେଲାଣି ତୁ ତ କାହିଁକି ଆମ ଘର ଆଡେ ଆସୁନୁ ? ତୁ କ'ଣ ଆଉ ବରକୋଳି ଖାଇବୁନି ? ବବ୍‌ଲୁ ସବୁ ଶୁଣି ମଧ୍ୟ ନ ଶୁଣିଲା ପରି ବାଟ କାଟି ଧୀରେ ଧୀରେ ଆଗକୁ ପଳାଇ ଯାଉଥାଏ, ମକରାର କଥାରେ । ସିଏ ଯେତେ କହିଲେବି- ଆରେ ମୁଁ ତୋର ମକୁଦାଦା । ତୋତେ ମୁଁ ଏଇ କାନ୍ଧରେ କେତେ ନାଉ କରି ନ ବୁଲେଇଛି । ମୋତେ ଚିହ୍ନିପାରୁନୁ ? ମୁଁ ଘୋଡା ହେଲେ ତୁ ମୋ ପିଠିରେ ବସି ସବୁ ଭାତ ଖାଇ ଦେଉଥିଲୁ, ତୋର ମନେ ନାଇଁକି ? ଆଜି ପୁଣି କ'ଣ ହେଲା ? ତୁ ଏମିତି ମୋଠୁ ଦୂରେଇ ଯାଉଛୁ ? କ'ଣ ବଡ ହୋଇ ତୁ ସ୍କୁଲ୍ ଗଲୁଣି ବୋଲି । ସେଥିପାଇଁ ମୋ ସାଙ୍ଗରେ କଥା ହେବୁନି ? 'ନାହିଁ ମକୁଦାଦା ସେ କଥା ନୁହେଁ ? ମା' କହୁଥିଲେ ତମେ କୁଆଡେ ବାୟା ହୋଇଯାଇଛ । ତମ ମୁଣ୍ଡ କାମ କରୁନି । ସେଥିପାଇଁ ତମ ସାଙ୍ଗରେ କଥା ହେଉନି, ନ ହେଲେ ଆଉ କିଛି ନାହିଁ ।' ତା' ହେଲେ ତୁ ବି କ'ଣ ସମସ୍ତଙ୍କ ପରି ମୋତେ ମକରାବାୟା ଡାକିବୁ । ଆଜି ସବୁଠି ବାଟରେ ଘାଟରେ ସବୁଆଡେ ମୋର ଚିହ୍ନା ଓ ଅଚିହ୍ନା ଲୋକ ମୋତେ ମକରା ପାଗଳ ବୋଲି ଡାକୁଛନ୍ତି । ତୁ ବି ତୋର ମକୁଦାଦାକୁ ମକରା ପାଗଳ ବୋଲି ଡାକିବୁ ।'

'ଛୋଟଟେ ହୋଇଥିଲୁ ଏ ଗାଲକୁ ତୁ କେତେ ଚାପୁଡା ନ ମାରିଛୁ ତୋର ସେ କୁନି କୁନି ନଖରେ ଏ ହାତକୁ ମୋର କେତେ ଖଣ୍ଡିଆ କରିଛୁ କେବେ ହେଲେ ପ୍ରତିବାଦ କରିନି କି କଷ୍ଟ ହେଲା ବୋଲି ତୋତେ କେବେ କହିନି । କିନ୍ତୁ ଆଜି ସେଦିନର ସେ ଚାପୁଡା ଓ କ୍ଷତଠାରୁ ତୋର ଏ ଦାଦାକୁ ପାଗଳ ଡାକଟା ବହୁତ କଷ୍ଟ ଦେଉଛି ।' 'ନାଇଁ ଦାଦା ମୁଁ ତ ତୁମକୁ କେବେ ପାଗଳ ବୋଲି ଡାକିନାହିଁ । ତମେ ତ ମୋ ଦାଦା ।' 'କିଏ ଦାଦା । କାହାର ଦାଦା । ମୁଁ ପାଗଳ । ମକରା ପାଗଳ । ଖାଲି ମକରା ପାଗଳ । ଚାଲିଯା, ଚାଲିଯା ଏଠୁ', ଏକଥା ସିଏ ବାରମ୍ବାର ବବ୍‌ଲୁକୁ କହିଛି । କିନ୍ତୁ ବବୁଲ୍ ଯାଇନି । ମକରା ରାଗିଯାଇଛି । 'ମୋର କେହି ନାହିଁ', କହିଛି । ଚିତ୍କାର କରିଛି । ଖୁବ୍

ଜୋର୍‌ରେ କାନ୍ଦିଛି । ତା' ମକରା ଦାଦାକୁ ଏମିତି ଅବସ୍ଥାରେ ଦେଖି ବବ୍‌ଲୁ ଡରି ଯାଇଛି । ସିଏ କେବେ ତା' ଦାଦାକୁ ଏମିତି ଭାବରେ ଦେଖିନଥିଲା । ମକରାର ଏପରି ଅବସ୍ଥା ଦେଖି ତା'କୁ ଯେତିକି ଭୟ ଲାଗୁଥିଲା, ସେତିକି ଦୁଃଖ ବି ଲାଗୁଥିଲା । ମକରା ଆଖିର ଲୁହକୁ ଦେଖି ବବ୍‌ଲୁ ଆଖିରେ ବି ଲୁହ ଜକେଇ ଆସିଥିଲା । କିନ୍ତୁ ସେ ତା' ମନରେ ସାହାସ ସଂଚୟ କଲା । ବହୁଦିନ ଧରି ତା' ଦାଦାକୁ ପଚାରିବାକୁ ଚାହୁଁଥିବା ପ୍ରଶ୍ନ ବବ୍‌ଲୁ ସେଦିନ ପଚାରିଛି, 'ଦାଦା ତୁମେ ଯଦି ପାଗଳ ନୁହଁ, ତାହା ହେଲେ ମୋର ଆଗ ଦାଦାପରି ହେଇଯାଉନ କାହିଁକି ? ତୁମେ ତ ଆଗରୁ ଏମିତି ନ ଥିଲ ? କ'ଣ ହୋଇଛି ତୁମର ? ମନ ହେଲେ କାନ୍ଦୁଛ । ମନ ହେଲେ ହସୁଛ । କାହିଁକି ଦାଦା ? କାହିଁକି ?' ବବ୍‌ଲୁର ଏ ପ୍ରଶ୍ନରେ ମକରା ପୁରାପୁରି ସ୍ତବ୍ଧ ହୋଇଯାଇଛି । ଯେଉଁ ପ୍ରଶ୍ନ ବବ୍‌ଲୁ ଆଜି ମକରାକୁ ପଚାରିଛି ସେ ପ୍ରଶ୍ନ ତା' ନିଜ ପୁଅ ତା'କୁ କେବେ ବି ପଚାରିନି, କି ଏ ଗାଁର କେହିବି ନୁହେଁ ? କେହିବି ତା'ର ଏ ଆଖିର ଲୁହକୁ ପଢିବାକୁ ଚେଷ୍ଟା କରିନାହାଁନ୍ତି । ହେଲେ ବବ୍‌ଲୁ, ସିଏ ତ ଖୁବ୍ ଛୋଟ ପିଲା ? ସିଏ କ'ଣ ଜାଣିପାରିଲା ତା'କୁ ? ବୁଝିପାରିଲା ତା' ଭାଷାକୁ ? ସେହି ସମୟରେ ବବ୍‌ଲୁର ପଦିଏ କଥା ମକରା ଅନୁଭବ କରିଛି । ଏତେ ଦିନ ପରେ କେହି ଜଣେ ତା'ର ନିଜର ହୋଇପାରିଛି ବୋଲି ଖୁବ୍ ତରଳି ଯାଇଛି ମକରା, ବବ୍‌ଲୁର ସେ ମିଠା କଥାରେ । ବବ୍‌ଲୁକୁ ଧରି ଢେର୍ କାନ୍ଦିଲା, କାନ୍ଦି କାନ୍ଦି ପ୍ରକାଶ କଲା ତା' ହୃଦୟରେ ଲୁଚେଇ ରଖିଥିବା ସେହି ଅତୀତର ଦୁଃଖ ଭରା କାହାଣୀ, 'ଜାଣିଛୁ ବବ୍‌ଲୁ ! ଲୋକେ ମୋତେ ଶ୍ରଦ୍ଧାରେ ମକରା ବୋଲି ଡାକନ୍ତି । କିନ୍ତୁ ଏବେ ? ଏବେ ମୁଁ ମକରା ପାଗଳ । ସମସ୍ତେ ମୋତେ ଶ୍ରଦ୍ଧାରେ ନୁହେଁ ଆକ୍ଷେପ କରି ଡାକୁଛନ୍ତି । କେହି କେବେ ବୁଝିବାକୁ ଚେଷ୍ଟା କରିନାହାଁନ୍ତି । ମୋର ଏ ପାଗଳାମି କ'ଣ ପାଇଁ ? କେହି କେବେ ମୋତେ ଟିକେ ସ୍ନେହ କରିନାହାଁନ୍ତି । କେହି ଆଦର କରିନାହାଁନ୍ତି । କେହି ଟିକେ ତାଙ୍କ ପାଖରେ ବସଉନାହାଁନ୍ତି । ସବୁବେଳେ ମାର୍‌ଧର । ତୁ କହିଲୁ କେହିବି ମୋତେ ସାହାଯ୍ୟ କରୁନାହାଁନ୍ତି କି ଚେଷ୍ଟା ବି କରୁନାହାଁନ୍ତି ମୋତେ ଭଲ କରିବା ପାଇଁ । ବରଂ ପାଗଳ ବୋଲି ଡାକି ନିଜର ବଡ ପଣିଆକୁ ସାର୍ଥକ କରିବାରେ ଲାଗିଛନ୍ତି ।'

ମୁଁ ମକରା ମୋର ଜନ୍ମ ନାଉଗାଁର ବାଲି ସାହିରେ । ପିଲାଟି ବେଳୁ ମୁଁ ଦାରିଦ୍ର୍ୟର ତାଡନାରେ ଜୀବନ ବଂଚିବାରେ ଶିଖିଛି । ମୋର ସେଇ ଗୁଡିଆ ଦୋକାନର ଅଳ୍ପ ଆୟରେ ମୁଁ ଚଳାଉଥିଲି ମୋର ଛୋଟିଆ ସଂସାର । ତୋ ଖୁଡୀ ଆଉ ବିଜୁଭାଇ ସେତେବେଳକୁ ଛ' କି ସାତ ବର୍ଷର ପିଲାଟି । ଏଇ ଦୁଇଜଣଙ୍କୁ ନେଇ ମୋର ଥିଲା ପରିବାର । ଖୁବ୍ ଖୁସିରେ ଥିଲୁ ଆମେ । କିନ୍ତୁ ସେଦିନର ସେ ରାତ୍ରିର ଅନ୍ଧକାର ସେ ଭୟଙ୍କର ଚିତ୍କାର ଆଜି ବି ମୋର ଏ କାନ ପାଖରେ ଗୁଣୁ ଗୁଣୁ ହେଉଛି । ଯାହାର ବେଦନା ଶୁଣି ଏ ଛାତି ଭିତରର କଲିଜା ଖଣ୍ଡ ଖଣ୍ଡ ହେଲା ପରି ଲାଗୁଛି ।' ମକରାର କଥାକୁ କିଛି ବି ବୁଝିପାରୁନଥିଲା ବବ୍‌ଲୁ । କିନ୍ତୁ ବେଶ୍ ଉତ୍କଣ୍ଠାରେ ଶୁଣୁଥିଲା ତା' ଦାଦା ମକରାର କଥାକୁ । ଆଉ ପଚାରୁଥିଲା ପ୍ରଶ୍ନ ପରେ ପ୍ରଶ୍ନ । 'ଦାଦା କେଉଁ ଅନ୍ଧାର ?, କାହାର ଚିତ୍କାର ? ତୁମେ ଯାହା କହୁଛ ମୁଁ କିଛି ବୁଝିପାରୁନି ।' 'ବୁଝିପାରିବୁ ସବୁ ବୁଝିପାରିବୁ । ମୁଁ ବି ପ୍ରଥମେ ପ୍ରଥମେ କିଛି ବୁଝିପାରିନଥିଲି । କିନ୍ତୁ ଏବେ ? ଏବେ ମୁଁ ସମସ୍ତଙ୍କୁ ବୁଝିଛି ସମସ୍ତଙ୍କୁ ଚିହ୍ନିସାରିଛି ।' କାହାକୁ ବୁଝିବାର କି ଚିହ୍ନିବାର ବାକିନାହିଁ ବବ୍‌ଲୁ ଆଗରେ ଏଇତକ କହି ପୁଣି ମକରା କାନ୍ଦି ପକେଇଲା ।

'ଦାଦା ତୁମେ ପୁଣି କାନ୍ଦିଲ । କୁହନା ସେ ଅନ୍ଧକାରରେ ତୁମେ କାହାର ଚିତ୍କାର ଆଜି ବି ଶୁଣିପାରୁଛ ? କାହାର କୋଉଁ ଅନ୍ଧକାର', ସବୁ ବବ୍‌ଲୁ ପଚାରିଲା ।

'ସେ ଅନ୍ଧକାର ଆଉ କାହା ଜୀବନରେ ନୁହେଁ ସେଦିନ ମୋ ଜୀବନରେ ଆସିଥିଲା । ସେ ଚିତ୍କାର ଆଉ କାହାର ନଥିଲା । ତୋ' ମୀନା ଖୁଡୀର ଥିଲା । ମୋ' ପୁଅ ଛଅ କି ସାତ ବର୍ଷର କଅଁଳା ଶିଶୁଟିଏ ଥିଲା । ହେଲେ ସେମାନେ କ'ଣ ଶୁଣିଲେ କେହିବି ଶୁଣିଲେନି । ଯେଉଁ ମଣିଷକୁ ମୁଁ ବିଶ୍ୱାସ କରି ବନ୍ଧୁ ବୋଲି ଭାବିଥିଲି । ସେହି ମାନେ ହିଁ ମୋ ବିଶ୍ୱାସରେ ବିଷ ଦେଇ ଦେଲେ । ଛାଡିଲେନି ମୋ ରୋଗିଣା ସ୍ତ୍ରୀକୁ ଶୁଣିପାରିଲେନି ନିଷ୍ପାପ ଶିଶୁଟିର କ୍ରନ୍ଦନ ର ସ୍ୱର । କେତେ ନେହୁରା ନ ହେଇଛି କିନ୍ତୁ ଶୁଣିଲେନି । ଗୋଟି ଗୋଟି କରି ତିନିଜଣ ଯାକ ମଣିଷ ସେଦିନ ପଶୁ ପାଲଟି ଗଲେ । ଖାଲି ପଶୁ ନୁହେଁ ତ ସେମାନେ ଅତ୍ୟନ୍ତ ଦୁର୍ଦ୍ଦାନ୍ତ, ଅମାନବିକ ଓ ଖୁବ୍ ଭୟଙ୍କର ନରରୂପୀ ପିଶାଚ ଭଳି

ଦେଖାଯାଉଥିଲେ । ସେଦିନ ମୋରି ଆଖି ସାମ୍ନାରେ ମୋ ରୋଗିଣା ସ୍ତ୍ରୀକୁ ସେମାନେ ଶାରୀରିକ ନିର୍ଯ୍ୟାତନା ଦେଇ ଚାଲିଲେ । ଶୋଷି ଚାଲିଲେ ତା'ର ପ୍ରତ୍ୟେକ ଲହୁକୁ । ସବୁଦେଖି ସବୁଶୁଣି ମଧ୍ୟ ମୁଁ ନିରୁପାୟ । ସେମାନେ ଶୁଣିପାରୁନଥା'ନ୍ତି ମୋ ପିଲାଟାର ବିକଳ ଚିତ୍କାର ଆଉ ମୋର ବିନମ୍ର ଅନୁରୋଧକୁ । କିଛି ସମୟରେ ସବୁକିଛି ନିସ୍ତବ୍ଧ ହୋଇଗଲା । ଯେମିତି ଲାଗୁଥିଲା ରାତ୍ରିର ଅନ୍ଧକାରରେ ଆସିଥିବା ସେ ଅକସ୍ମାତ ଝଡ଼ଟି କେବଳ ମୋରି ଘର ଭାଙ୍ଗିବା ପାଇଁ ଆସିଥିଲାରେ ବବୁଲ୍ । ସବୁକିଛି ମୋର ମାଟିରେ ମିଶେଇ ଦେଇ ରାତି ନପାହୁଣୁ ଚାଲିଗଲାରେ ।' 'ନିଶ୍ଚିତ ଭୟାଳୁ କିମ୍ବା କାପୁରୁଷ ହୋଇଥିବେ । ନହେଲେ କ'ଣ ସେଇ ଅନ୍ଧକାରରେ ଆସି ଅନ୍ଧକାରରେ ଉଭେଇ ଯାଇଥା'ନ୍ତେ ।' ବବ୍‌ଲୁ କହିଲା ।

ରାତି ଯାଇ ସକାଳ ହେଲା ସମସ୍ତେ ନୀରବ । କେହି ହେଲେ କିଛି ବି ଜାଣିପାରିଲେନି କ'ଣ ଘଟିଗଲା ମୋ' ଜୀବନରେ ପୁରାପୁରି ନିସ୍ତବ୍ଧ ପାଲଟି ଯାଇଥିବା ମୋ' ସଂଜ୍ଞାହୀନ ସ୍ତ୍ରୀକୁ ଆଉ ମୋତେ ବଜାରର କିଛି ଲୋକ ସେଦିନ ମେଡିକାଲ ନେଇ ଆସିଲେ । ମେଡିକାଲରେ ତୋ ଖୁଡୀ ଅନେକ କିଛି କହିବାକୁ ଚାହୁଁଥିଲା । କିନ୍ତୁ କିଛି କହିବା ପୂର୍ବରୁ ହିଁ ଉପରକୁ ଚାଲିଗଲା । ବହୁତ ଦୂରକୁ ଚାଲିଗଲାରେ । ମୋତେ ଏକୁଟିଆ କରି ସବୁଦିନ ପାଇଁ ଚାଲିଗଲା । ସେମାନେ ତା'କୁ ମାରିଦେଲେ ମୁଁ ସେମାନଙ୍କର କିଛି ବି କରିପାରିଲିନି କି ତୋ ଖୁଡୀକୁ ବଂଚେଇ ପାରିଲି ନାହିଁ ।

ଖୁସିରେ କଟେଇଥିବା ମୋ ପରିବାର ସହିତ ସେ ଦିନଗୁଡାକ ମନେ ପଡିଗଲେ ମୁଁ ହସେ । ମୋ' ବିଜୁ ମୋ'ଠୁ ଅଲଗା ହୋଇଯାଇଛି । ମୋ ସ୍ତ୍ରୀ ମୋତେ ଛାଡି ସବୁଦିନ ପାଇଁ ଚାଲିଯାଇଛି । ସେ ରାତିର ଗର୍ଜନ ଆଉ ଚିତ୍କାର ମନେ ପଡିଗଲେ ମୋତେ ବହୁତ କଷ୍ଟ ହୁଏରେ । ଏ ସବୁରୁ ମୁଁ ମୁକ୍ତ ହେବାକୁ ଚାହେଁ । ବବ୍‌ଲୁ! ମୁକ୍ତ ହେବାକୁ ଚାହେଁ । କିନ୍ତୁ ଭୁଲିପାରେନି, ମନେ ମନେ ଖୁବ୍ କାନ୍ଦେ, ଚିତ୍କାର କରେ କିନ୍ତୁ କେହିବି ବୁଝିପାରନ୍ତି ନାହିଁ । ସେହି ଦିନଠାରୁ ମୁଁ ହେଲି ପାଗଳ । ମୋତେ ମୋ ପୁଅ ପାଖକୁ ଯିବା ମନା । ତା' ସହିତ କଥା ହେବା ମନା । ଏବେ ସିନା ସିଏ ବାହା ହୋଇ ଘର ସଂସାର କଲାଣି କିନ୍ତୁ ଯେତେବେଳେ ସିଏ ଛୋଟଟେ ଥିଲା । ମା'କୁ ନ ପାଇ କାନ୍ଦୁଥିଲା । ସେତେବେଳେ କେତେଥର ଇଚ୍ଛା ହେଇଛି ତା'କୁ ଟିକେ ଛାତିରେ ଧରି ଗେଲ କରିବାକୁ କିନ୍ତୁ ଦିଆହୋଇନି ମୋତେ ସେ ଅଧିକାର କି ସୁଯୋଗ । ତୁ କହ ବବୁଲ୍ ମୁଁ ତା'ର ବାପା । ମୋର କ'ଣ ସେ ଅଧିକାର ନାହିଁ ? ହଁ ଅଛି । କିନ୍ତୁ ଏ ଲୋକମାନେ କହିଲେ ମୁଁ କୁଆଡେ ତା'ର ବାପା ନୁହେଁ । ମୁଁ ଗୋଟେ ପାଗଳ । ମୋ ସାଙ୍ଗରେ ରହିଲେ ସିଏ କୁଆଡେ ପାଗଳ ହୋଇଯିବ । ତେଣୁ ସେହି ଦିନଠାରୁ ମିନାକ୍ଷୀ ତା'କୁ ତା' ପାଖରେ ରଖିଲା । ତା'ଭଲ ମନ୍ଦ ସବୁ ସେ ହିଁ ବୁଝିଲା ।

ମୋ ଜୀବନ ଆଉ ଘରର ଚାରିକାନ୍ଥ ଭିତରେ ରହିଲା ନାହିଁ । ରହିଲା ରାସ୍ତା କଡର ପାଖ ବଜାରରେ, ଅଇଁଠା ପତ୍ର ସ୍ଥାନରେ ଆଉ ବେଳେ ବେଳେ ଗୁହାଳ ଭିତରେ । ସବୁବେଳେ ଲୁହାର ଶିକୁଳିରେ ଏହି ହାତ ଗୋଡ ମୋର ବନ୍ଧା । ଭାରି କଷ୍ଟ ହଉଛିରେ ଗୋଡରେ ମଶାଟିଏ କି ମାଛିଟିଏ ବସିଲେ ଏହାତ ଯାଇପାରୁନି କି ହାତରେ ଖଣ୍ଡିଆଟିଏ ହୋଇଗଲେ, ତା'କୁ ମଲମ ଲଗେଇ ପାରୁନି । କେହି ହେଲେ ବି ମୋ ହାତକୁ ସାହାସ କରି ଖାଇବା ଟିକେ ଦଉନାହାଁନ୍ତି । ମୋ ହାତ ବହୁତ ଆସନା, ମୋତେ ଟିକେ ଖୁଆଇ ବି ଦଉନାହାଁନ୍ତି । ଖାଇବା ଦେବାର ଯଦି ଇଚ୍ଛା ନାହିଁ ନ ଦିଅ, ଏ ବୁଢାଟା ନଖାଇ ନପିଇ ଯେତେ ଜଲ୍‌ଦି ମରିବ ସେତେ ଜଲ୍‌ଦି ତମେ ଶାନ୍ତି ପାଇବ । ଏଠି ସେଠି ଖାଇବାକୁ କାହିଁ ଫୋପାଡି କି ଦଉଛ ଯେ, କେମିତି ଖାଇବି ? ଆସନା ଲାଗିବନି ? ତମେ କ'ଣ ପତ୍ରଟିଏ ନ ପକେଇଲେ କି ଥାଳିଟିଏ ନ ଥୋଇଲେ ଖାଇବା ଖାଉଛ ? ତା' ହେଲେ ମୋତେ ତୁମେ କାହିଁକି ଏମିତି କରୁଛ ? ମୁଁ ତ ତମକୁ କେବେ ମାଡ ମାରିନି କି ଟେକା ପକେଇନି । ମୋତେ ତୁମେ କାହିଁକି ମାରୁଛ ? ମୋତେ କାହିଁ ଟେକା ପକାଉଛ । ଦେଖ ବବ୍‌ଲୁ ମୋ ଦେହ ସାରା କେତେ ଖଣ୍ଡିଆ, ପୋକ ବସିଲେଣି । ମୋତେ କଷ୍ଟ ହେଉଛି ହେଲେ କେହି ମୋତେ ଟିକେ ଅନାଉ ନାହାଁନ୍ତି କି ଆଦର କରୁନାହାଁନ୍ତି । ତୋ ଦେହରେ ଯେତେବେଳେ ଖଣ୍ଡିଆ ହୋଇଯାଏ ତୋତେ ତୋ ମା' ମଲମ ଲଗେଇ ଦିଅନ୍ତି । ତୋ ଆଖିରୁ ଲୁହ ଝରିଲେ ତାଙ୍କ ପଣତରେ ତୋ ଲୁହକୁ ପୋଛି ଦିଅନ୍ତି । ହେଲେ ମୋତେ, ମୋତେ ଯେତେବେଳେ କଷ୍ଟ କି ଯନ୍ତ୍ରଣା ହୁଏ ମୁଁ ନ ସହିପାରିଲେ ବହୁତ କାନ୍ଦେ । ମୋ ଲୁହ ପୋଛିବା ତ ଦୂର

କଥା ମୋ ପାଖକୁ ବି କେହି ଆସନ୍ତିନାହିଁ । ଏ ଲୋକମାନେ ମୋତେ ଦେଖି ଖାଲି ଠୋ ଠୋ ହୋଇ ହସନ୍ତି । ମୋ କଥାକୁ ପରିହାସ କରନ୍ତି । ପୁଅ ବଡହୋଇ ଘର କଲାଣି । ମୋତେ ଘର ଭିତରକୁ ଯିବା ମନା । ବାରଣ୍ଡାରେ ଯଦି ଟିକେ ବସିଥାଏ ମୋ ବୋହୂ ମୋତେ ଖୁବ୍ ମାରେ । ପୁଅ କିଛି ବି କହେନାହିଁ । ବାରମ୍ବାର ମୋତେ ଯା' ଯା' କହି ଘଉଡାଇଦିଏ । ଭୋକରେ ବିକଳ ହୋଇ ମୁଁ ଯେତେବେଳେ ଖାଇବା ମାଗେ ସେତେବେଳେ କିଏ ଫୋପାଡେ ଶୁଖିଲା ରୁଟି, ତ କିଏ ଦିଏ ପିଠିରେ ଲାଠି । ଏମିତି ·ଗଡିଚାଲିଛି ମୋ ଜୀବନ' ମକରା ପାଖରୁ ଏସବୁ ଶୁଣି ବବୁଲ୍ ବୁଝିପାରିଛି ତା' ମକରା ଦାଦାର ଭାଷାକୁ । ଅନୁଭବ କରିଛି ତା' ହୃଦୟର ସେ ବ୍ୟଥାକୁ । ବବୁଲ୍ କାନ୍ଦି ପକାଇଛି ଖୁବ୍ ଜୋର୍‌ରେ । ଦାଦାକୁ ବୁଝେଇଛି । 'ଏଥର ତୁମକୁ କେହିବି ପାଟିକରିବେନି । କେହିବି ମାରିବେନି । ତୁମେ ପାଗଳ ନୁହଁ ଦାଦା ! ତୁମେ ପାଗଳ ନୁହଁ, ତୁମେ ମଣିଷ ମୁଁ ତୁମର ଯତ୍ନ ନେବି, ମୋ ବୋଉକୁ ମୁଁ ବୁଝେଇବି । ତୁମେ ମୋର ସେଇ ମକରା ଦାଦା । ତୁମର ମଧ୍ୟ ବଂଚିବାର ଅଧିକାର ଅଛି । ଆମେ ଯେମିତି ବଂଚିଛୁ । ତୁମେ ବି ସେମିତି ବଂଚିବ । ହଁ ହଁ ମୁଁ ସମସ୍ତଙ୍କୁ କହିବି ତୁମେ ପାଗଳ ନୁହଁ । ତୁମେ ଆମ ମକୁଦାଦା । ବିଜୁଭାଇଙ୍କର ବାପା ।' ଏ କଥା ସିଏ ସମସ୍ତଙ୍କୁ କହିଛି । ତା' ପାଟିରୁ ଏସବୁ ଶୁଣି ସେହି ସମୟରେ ମକରା ଅନୁଭବ କରିଛି ସିଏ ସୁସ୍ଥ, ମନରେ ପାଇଛି ଖୁବ୍ ଆନନ୍ଦ, ଅନେକ ଆଶା କରିଛି । ନୂତନ ପ୍ରଭାତର ସୁନେଲୀ କିରଣ ବବ୍‌ଲୁ ତ ବୁଝିଗଲା ମକରା ପାଗଳର



ଭାଷାକୁ । ଖାଲି କ'ଣ ମକରା, ସମାଜରେ ଏଇ ଭଳି ଅନେକ ଚରିତ୍ର ଅଛନ୍ତି, ସେମାନଙ୍କୁ ବଂଚିବାକୁ ଦିଅ । ସେମାନଙ୍କ ଭାଷାକୁ ବୁଝିବାକୁ ଚେଷ୍ଟାକର ଯେମିତି ବବୁଲ୍ ଆଗେଇ ଆସିଛି ନ ହେଲେ ମକରା ପରି ସମସ୍ତେ ଚାହିଁଥିବେ ଏକ ନୂତନ ସକାଳକୁ । ସିଏ ଜାଣିନାହାଁନ୍ତି । ସେ ସକାଳ ତାଙ୍କ ଜୀବନରେ ଆସିବ କି ନାହିଁ ।

ନୀଳାଦ୍ରୀବିହାର
କଟକ

# ପକ୍ଷୀ ମୁଁ, ନୁହେଁ କି ତୁମର

ପ୍ରାଚୀ ପ୍ରଯୁକ୍ତା

'ଭାଇ, ହେ ଭାଇ, କୁଆଡେ ଗଲୁ', 'ଦେଖ୍ ଏଇଠି କାନ୍ଥ ଉପର ଖୋଲରେ ବସିଛି ।' 'ଆରେ କେଉଁଠି ମୁଁ ତ ଦେଖିପାରୁନାହିଁ ।' 'ତୁ କେମିତି ଜାଣିଲୁ ।' 'ହଁ ତୁ ଜାଣିପାରୁନୁ ସେ ପରା ଉଡି ଉଡି ଆସି ଏ ଖୋଲ ଭିତରେ ପଶିଗଲା ।' 'କେଉଁଠି କାହିଁ ? ମିଛୁଆ କେଉଁଠିକାର୍ । ତୁ ସବୁବେଳେ ମିଛକଥା କହି ମୋତେ ଡାକିଆଣୁଛୁ ।' ହଉ ହେଲା ତୁ ଯା' ମା'ଘରୁ ବଡ ବାଡିଟା ଆଣିବୁ, ମୁଁ ତା'କୁ ଜଗିଛି ।' 'ଟିକେରହ ଆପେ ଜଣା ପଡିଯିବନି କିଏ ମିଛ କହୁଛି ।' 'ଠିକ୍‌ଅଛି ତୁ ଏଠି ଥା, ମୁଁ ଆଣୁଛି ।'



ନୀରିହ, ସରଳ ମୁହଁଟି ଖୋଲ ଭିତରୁ ମୁଣ୍ଡ ଟେକି ନେହୁରା ହୋଇ ବିକଳରେ କହୁଛି, 'ସୋନୁ ଭାଇ । ମନୁ ଭାଇ, ମୋ ବସା ଭାଙ୍ଗୁଛ କାହିଁକି, ମୁଁ ପରା ତୁମ ଟିକି ଚଢେଇ । ମୋତେ ଚିହ୍ନିପାରୁନ । ମୋତେ ଦେଖି ତୁମେ କେତେ ଖୁସି ହେଉଥିଲ । ମୁଁ ଯେତେବେଳେ ତୁମ ଘର ଆଗର ଗଛ ଉପରେ ବସି ମୋ ପରଗୁଡିକୁ ଝାଡୁଥିଲି ସେତେବେଳେ

ତମେ ମୋତେ ଦେଖି ସବୁଭାତ ଖାଇ ଦେଉଥିଲ । ସେଦିନ ତ ତମେ ମୋତେ ପାଖକୁ ଡାକୁଥିଲ, ଗେହ୍ଲା କରିବା ପାଇଁ । ଆଜି ତୁମର କ'ଣ ହୋଇଛି । ମୋତେ ଆଜି ତମେମାନେ ଏତେ ହଇରାଣ କାହିଁକି କରୁଛ । ମୁଁ ପରା ଏଠି ବସାବାନ୍ଧି ଅଣ୍ଡା ଦେଇଛି । କାଲି ସକାଳେ ମୋର ଛୋଟ ଛୋଟ ନବ ଶିଶୁ ଆସି ତୁମ ସାଙ୍ଗରେ ଅଗଣାରେ ଖେଳିବେ, ମୋ ବସା ଭାଙ୍ଗିଦେଲେ ସେମାନେ ତ ମରିଯିବେ, ମୁଁ ଆଉ କାହା ପାଇଁ ବଂଚିବି । ତୁମେ କ'ଣ ଏହି ନିଷ୍ଠୁର ମଣିଷମାନଙ୍କ ପରି । ଆଜି ମଣିଷ ଗଛ କାଟି ଦେଉଛି, ନିଜର ଖୁସି ପାଇଁ ଆମ ପ୍ରଜାତିର ଚଢେଇମାନଙ୍କୁ ଶିକାର କରୁଛି । ଆମକୁ ବନ୍ଦୀ କରୁଛି, କେତେବେଳେ ନିଜର ମନୋରଞ୍ଜନ ପାଇଁ ତ କେତେବେଳେ ନଜର ଜିହ୍ବାର ଲାଳସା ଚରିତାର୍ଥ ପାଇଁ ଆମକୁ ଆହାର ରୂପେ ଗ୍ରହଣ କରୁଛନ୍ତି । ତୁମେ ତ ଜାଣିଛ ଏ ପୃଥିବୀ ଉପରେ ବିଭିନ୍ନ କିସମର ଓ ରଙ୍ଗ ବେରଙ୍ଗର ବିହଙ୍ଗମାନ ଅଛନ୍ତି । ଆମ ସୁନ୍ଦରତାରେ ବିଭୋର ହୋଇ କେତେ କବି କେତେ କେତେ କବିତା ବି ଲେଖିଛନ୍ତି । ମରୁଭୂମିର କ୍ଲାନ୍ତ ପଥିକ ନାଇଟ୍ ଏଙ୍ଗେଲ୍ ଗୀତ ଶୁଣି ଯେପରି କ୍ଲାନ୍ତି ଦୂର କରି ଥାଏ । ବସନ୍ତର ଆଗମନରେ କୋଇଲିର କୁହୁ ତାନ ପ୍ରକୃତିକୁ ଅଧିକ ମନୋରମ କରିଥାଏ । ଆଉ ଜାଣିଛ ମୁଁ ଆଉ ଆମ ଅନ୍ୟ ଚଢେଇମାନେ ସକାଳ ହେବାମାତ୍ରେ କୋଳାହଳ ଶବ୍ଦ କରି ତୁମମାନଙ୍କୁ ନିଦରୁ ଉଠାଇଥାଉ । ଯାହା ଦ୍ୱାରା ତୁମେ ଠିକ୍ ସମୟରେ ସ୍କୁଲକୁ ଯାଇପାର ।

ଆଉ ଶାଗୁଣା ଭାଇ କଥା ତ ତୁମେ ଜାଣିଥିବ ସିଏ ତ ତୁମର ଗୋଟିଏ ଅତି ଉପକାରୀ ଚଢେଇ କହିଲେ ଚଳିବ । କାରଣ ସିଏ ଜୀବଜନ୍ତୁ ହୁଅନ୍ତୁ କି ପଶୁପକ୍ଷୀ ସେମାନଙ୍କର ମୃତ ଶରୀରକୁ ଯେତେବେଳେ ଏଣେ ତେଣେ ଫିଙ୍ଗିଦିଆଯାଏ ତା'କୁ ସେ ଶାଗୁଣା ଭାଇମାନେ ଖାଇ ପରିବେଶକୁ ପରିଷ୍କାର କରିଥାନ୍ତି । କିନ୍ତୁ ସେମାନଙ୍କ ଅନୁପସ୍ଥିତିରେ ଏବେ ପରିବେଶ କେତେ ପ୍ରଦୂଷଣ ହେବାରେ ଲାଗିଛି ତାର କଳନା ନାହିଁ । ମୁଁ ସକାଳୁ ଉଠି ତମଘର ନାଳିରୁ ସବୁତକ ପୋକ ଜୋକ ଖାଇଦିଏ । ଏହାଦ୍ୱାରା ପୋକ ଜୋକମାନେ ତମଘର ଭିତରକୁ ଯାଇପାରନ୍ତି ନାହିଁ । ଯାହାଦ୍ୱାରା ତୁମେମାନେ ଜୀବାଣୁ ମୁକ୍ତ ଜୀବନ ଜୀଇଁପାର ।

ଆମେମାନେ ସଞ୍ଜଠାରୁ ସକାଳ ପର୍ଯ୍ୟନ୍ତ ଆମ କାମରେ ଲାଗିଥାଉ । ଯାହା ମଣିଷ ସମାଜକୁ ନୂଆ ଦିଗ୍‌ଦର୍ଶନ ଦେଇଥାଏ । ତୁମମାନଙ୍କ ମନରେ ଅନେକ ଆଶା ସଂଚାର କରିଥାଉ ।' 'ସୋନୁ, ହେ ସୋନୁ କୁଆଡେ ଗଲୁ କିରେ । ଆସ ଖାଇବୁ' 'ହଁ ମା ଆସୁଛି । ମୁଁ ପରା ଏଇଠି ବାଲକୋନୀରେ ଠିଆ ହୋଇଛି ।' 'ତୁ ସେଠି କ'ଣ କରୁଛୁ କିରେ ? ଆଉ ଭାଇକୁ କାହିଁ ବାଡି ପାଇଁ ପଠାଇଥିଲୁ ବାପା ସିଆଡେ ତା'କୁ ପାଟି କଲେଣି ।' 'ଭାଇ ତୁ ବାଡି ଆଣିଲୁ ।' 'ନାଁ ଆଣିନି ବାପା ପାଟି କଲେ ।' 'ପାଟି କରିବେନି, ହଇରେ କ'ଣ ପାଇଁ ଭାଇକୁ ବାଡି ପାଇଁ ପଠେଇଥିଲୁ ।' 'ମା' ଦେଖ ଏଇ ବଦମାସ୍ ବଣିଟା ଆସି ଆମଘର ସେ ଖୋଲ ଭିତରେ ଲୁଚିକରି ଅଛି । ମୁଁ କିନ୍ତୁ ଆଜି ଛାଡିବନି ।' 'କାହିଁ ଛାଡିବୁନି ବାପା ଠିକ୍ କହୁଥିଲେ ତୁମେ ଦୁଇଟା ଯାକ ସତରେ ଗଧ, ନହେଲେ କ'ଣ ତମେ ସେ ନୀରିହ ଚଢେଇଟା ସାଙ୍ଗରେ ଏମିତି ଲାଗନ୍ତ । ସିଏ ତ ତା' ଜାଗାରେ ଅଛି । ସିଏ ତମର କ'ଣ କ୍ଷତି କରୁଛି । ଆରେ ସେ ଚଢେଇମାନେ ହେଲେ ପ୍ରକୃତିର ସୁନ୍ଦର ଅବଦାନ । ତୁମର ମନେ ନାହିଁ । ଆମଘର ଆଗରେ ଗୋଟିଏ ବଡ ଆମ୍ବ ଗଛ ଥିଲା । ବିଭିନ୍ନ ପ୍ରକାର ଚଢେଇ ଉଡି ଆସି ସେଠି ବସାକରି ରହୁଥିଲେ । ଗଲା ବର୍ଷ ବାତ୍ୟା ହେଲା ଯେ ଗଛଟା ପୁରା ଉପୁଡି ପଡିଲା । ତା'ପରେ ପୁଣି ରାସ୍ତାକାମ ଆରମ୍ଭ ହେଲା । ସେପଟ ଗଛଟିକୁ ବି ସେମାନେ କାଟି ଦେଲେ । ସେହି ଦିନଠାରୁ ଆଉ କ'ଣ ଆମ ଘରକୁ କିଚିରି ମିଚିରି ଶବ୍ଦ ଶୁଭୁଛି ? ନାଁ । ଦିନ ସାରା କାମ କରି କ୍ଲାନ୍ତ ସମୟ ମୁଁ ଏଇଠି ଟିକେ କଟଉ ଥିଲି । ସେ ଚଢେଇମାନଙ୍କୁ ଦେଖି ଦେଲେ ମୋତେ ବହୁତ ଖୁସି ଲାଗୁଥିଲା । ମୁଁ ସବୁ କିଛି ଭୁଲି ଯାଉଥିଲି । ଆରେ ତମେ ଦିଇଟା ଯେତେବେଳେ ଛୋଟଥିଲ ସବୁବେଳେ ଜିଦ୍ ଧରୁଥିଲ ଏଇଠିକୁ ଆସିବା ପାଇଁ ସେ ଚଢେଇମାନଙ୍କୁ ଦେଖି ତମର କାନ୍ଦ ବନ୍ଦ ହୋଇଯାଉଥିଲା । ସେମାନଙ୍କୁ ଦେଖି ଖେଳି ଖେଳି ସମୟ କଟେଇ ଦେଉଥିଲେ । ଚଢେଇମାନେ ହେଲେ ନିଷ୍ପାପ, ନୀରିହ ଆମର ପ୍ରକୃତ ବନ୍ଧୁ । ସେ ଯଦି ଆମ ଘରକୁ ଆସିଛି । ତା' ହେଲେ ତା'କୁ ଆମେ ଅତିଥି ପରି ସେବା କରିବା ଆମର ଧର୍ମ । ଏଇ ନିର୍ଦ୍ଦୟ ମଣିଷ କିଛି ନ ବୁଝି ତାଙ୍କର ବଂଶ ଲୋପ କରିବାରେ ଲାଗିଛି । ତାହା ବନ୍ଦ ହେବା ନିହାତି

ଆବଶ୍ୟକ ।' 'ହଁ ମା' ତୁମେ ଯାହା କହିଲ ଏଇ ଟିକେ ଆଗରୁ ଏ ବଣି ଆମକୁ ତା' ବିଷୟରେ ସବୁକଥା କହିଛି । ଏ ଲୋକମାନେ ତା'କୁ ଆଉ ତା' ଭାଇମାନଙ୍କୁ କେମିତି ମାରି ଦେଉଛନ୍ତି । ସେ ବିଷୟରେ ମଧ୍ୟ ଇଏ ମୋତେ ସବୁକିଛି କହିଛି ।' 'ଏତେ ସବୁ ତା' ପାଖରୁ ଶୁଣି ସାରିଲା ପରେ ବି ତୁ ତା'କୁ ମାରିବାକୁ ବସିଥିଲୁ ନାଇଁ ମା' ମୁଁ ତାକୁ ମାରିନଥାନ୍ତି । ତାକୁ ମୁଁ ଗୋଟେ ପିଞ୍ଜରାକରି ତା' ଭିତରେ ରଖିଥାନ୍ତି । ତା'କୁ ଖାଇବାକୁ ଦେଇଥାନ୍ତି । ତା ସହିତ ଖେଳିଥାନ୍ତି । ସେମିତି ବି ସିଏ ଯଦି ପିଞ୍ଜରାରେ ରହିବ ତା' ହେଲେ ତା'କୁ କେହି ମାରି ପାରିବେନି ମା' ।' ସୋନୁର ଏଭଳି କଥା ତା'ମା'ଙ୍କୁ ଖୁବ୍ ଭଲ ଲାଗିଛି । କିନ୍ତୁ ପକ୍ଷୀମାନଙ୍କ ବା ସେଇ ଟିକେ ବଣିଟିକୁ ସୁରକ୍ଷା ଦେବା କଥା ଠିକ୍‌ଅଛି, ହେଲେ ସୋନୁର ବଣିକୁ ଆବଦ୍ଧ କରି ରଖିବା କଥା ମା'ଙ୍କୁ ଭଲ ଲାଗିନି । ତେଣୁ ସେ ସୋନୁକୁ ବୁଝେଇବାକୁ ଯାଇ କହିଛନ୍ତି, 'ଆଚ୍ଛା ସୋନୁ ତୋତେ ଗୋଟେ କଥା ପଚାରିବି ତୁ କହିବୁ । ହଁ ମା ମୁଁ ନିଶ୍ଚିତ କହିବି, ତା' ହେଲେ କହ ତୋ ମନ ହେଲେ ତୁ ଖାଉଛୁ, ତୋ ମନ ହେଲେ ତୁ ପଢୁଛୁ, ବୁଲୁଛୁ । ଯାହା ଇଛା ତାହା କରୁଛୁ । ଆଚ୍ଛା କହିଲୁ ଦେଖି ତୋତେ ଯଦି ମୁଁ ଗୋଟିଏ ଘରେ ବନ୍ଦ କରିଦେବି । ସେ ଘରେ ତୋତେ ଠିକ୍ ସମୟରେ ଖାଇବାକୁ ଦେବି, ପିଇବାକୁ ଦେବି । ତୋର କିଛି ଅସୁବିଧା ହେବନି । ସେହି ଘରେ ତୁ ଶୋଇବୁ, ସେହି ଘରେ ହିଁ ପଢିବୁ କୁଆଡେ ଯିବୁନାହିଁ । ସେଇ ଗୋଟିଏ ଘରେ ତୋତେ ବନ୍ଦ କରିଦିଆଯିବ । ଖେଳିବା ବୁଲିବା ତୋର ସବୁ ବନ୍ଦହେବ । ତୁ କେମିତି ରହିବୁ ।'


'ନାଁ ମା ମୁଁ ଆଉ ଏକୁଟିଆ, ସେ ପୁଣି ବନ୍ଦଘରେ । ଖେଳିବା, ବୁଲିବା ସବୁବନ୍ଦ । ମୁଁ ବାହାରକୁ ଟିକେ ବୁଲିବାକୁ ଯାଇପାରିବିନି । ମୋ ସାଙ୍ଗମାନଙ୍କ ସହିତ ଖେଳିପାରିବିନି । ସେମିତି ମୁଁ ଜମା ରହିପାରିବିନି । କାହିଁକି ରହିପାରିବୁନି । ନା ମା' ମୋତେ ଭଲଲାଗିବନି', 'କାହିଁକି ଭଲ ଲାଗିବନି ?' 'ତମେ ତ କହିଛ ବାହାରର ପବନ । ବାହାରର ପ୍ରାକୃତିକ ସୋନ୍ଦର୍ଯ୍ୟ ଆମ ଦେହପାଇଁ କେତେ ଉପକାରୀ । ବାହାରେ ବୁଲିବା ଦ୍ୱାରା ମନ ପ୍ରଫୁଲ୍ଲ ରହେ ଓ ଦେହ ବି ସୁସ୍ଥ ରହେ । ଏବେ ବୁଝିଲୁ ତ ଆମେ ଯେମିତି ଆମ ଦେହ ଓ ମନ କଥା ଚିନ୍ତା କରୁଛୁ ସେମିତି ସେମାନେ ମଧ୍ୟ ସେମାନଙ୍କ ଦେହ ଓ ମନ କଥା ଚିନ୍ତା କରୁଥିବେ । ତେଣୁ ସେମାନଙ୍କୁ ସାଧୀନ ଭାବରେ ମୁକ୍ତ ଆକାଶରେ ଉଡିବାକୁ ଦିଅ । ସେମାନଙ୍କୁ ନ ମାରି ସେମାନଙ୍କ ସୁରକ୍ଷା କଥା ଚିନ୍ତା କରିବା ଉଚିତ୍ । ହଁ ମା' ମୁଁ ବୁଝିଗଲି, ଏଥର ମୁଁ ସେମାନଙ୍କୁ ଆଉ ଆବଦ୍ଧ କରି ରଖିବି ନାହିଁ । ମୁଁ ବଡ ହେଲେ ସେମାନଙ୍କୁ ବଂଚେଇବା ପାଇଁ ସାହାର୍ଯ୍ୟ କରିବି ।' 'ଯା' ଭାଇ ଯା' ରୋଷେଇ ଘରୁ ଚାଉଳ ଦିଟା ଆଣିବୁ । ଆମେ ତା'କୁ ଖାଇବାକୁ ଦେବା ।'

ନୀଳାଦ୍ରୀବିହାର

କଟକ

# ତୁମ ପରିବେଶ ତୁମରି ହାତେ

ବିସ୍ମୟୀ ସାହୁ




'ମନେଅଛି ମୋର । ଗୋଟି ଗୋଟି କରି ସବୁ ମନେଅଛି । ଦନେଇ ମଉସା କେତେ ସେବା କେତେ ଯତନ ନଉନଥିଲା ମୋର ଆଉ ମୋ ଭାଇମାନଙ୍କର । ସକାଳୁ ସକାଳୁ ଚା' କପ୍‌କୁ ପଛେ ଭୁଲିଯାଇଥିବ କିନ୍ତୁ ମୋର ଆଉ ମୋ' ଭାଇମାନଙ୍କ ମୂଳରେ ପାଣି ମୁନ୍ଦାଏ ଦେବାକୁ କେବେ ବି ଭୁଲେନି, ହେଲେ ତୁମେମାନେ ବଡ ସାର୍ଥପର । ଦନେଇ ମଉସା ତ ପୁଣି ସେହି ମଣିଷ ଯିଏ ନିଜ ହାତରେ ଆମର କେତେ ସେବା ନ କରିଛି, କହିଲ ଦେଖି ?', ହେଲେ ଆଜି ମୋର ସେହି ବନ୍ଧୁ ଦନେଇ ମଉସା ଆଉ ନାହିଁ । ଆଉ ତା'ରି ମଣିଷ ଜାତି ହୋଇ ମଧ୍ୟ ଆଜି ତୁମେମାନେ ଆମର ଶତ୍ରୁ

ହୋଇଯାଇଛ, ହଁ ହଁ ଶତ୍ରୁ । ତୁମ ମାନଙ୍କ ହୃଦୟ ସତରେ ବଡ କଠୋର ହୋଇଗଲାଣି । ତମେ ଆମକୁ ଆଜି ବୁଝି ପାରୁନ । ଜାଣିପରୁନ ଆମ ଉପକାରିତାକୁ, ନହେଲେ କ'ଣ ଆମକୁ ଏମିତି ଖଣ୍ଡ ଖଣ୍ଡ କରି କାଟି ପଦା କରିଦିଅନ୍ତ । ତମେମାନେ ବଡ ସ୍ୱାର୍ଥପର ହୋଇଗଲ, ବଡ ସ୍ୱାର୍ଥପର । କାଲି ପରି ଲାଗୁଛି କେତେ ନେହୁରା ନହୋଇଛି ଦନେଇ ମଉସା ଆମମାନଙ୍କୁ ନ ମାରିବା ପାଇଁ । ଶୁଣିଲେନି । କେହି ତା'କଥା ଶୁଣିଲେନି ।

ସକାଳ ହେଲେ କେତେ ଜୀବଜନ୍ତୁ । କେତେ ପଶୁପକ୍ଷୀ ମୋରି କୋଳରେ ଆଶ୍ରୟ ବାନ୍ଧୁଛନ୍ତି । ମା'ର ପଣତ ଯେମିତି ତା' ସନ୍ତାନକୁ ସବୁ ବିପଦରୁ ରକ୍ଷା କରିଥାଏ ମୁଁ ସେମିତି ମୋର ଏଇ ବନ୍ଧୁମାନଙ୍କୁ ରକ୍ଷା କରୁଥିଲି । କିନ୍ତୁ ଏବେ, ମୁଁ ସିନା ବଂଚିଲେ କିଛି କରିବି । କ'ଣ କରିଛି କେଜାଣି ମୁଁ । ଯେଉଁଥିପାଇଁ ତୁମେମାନେ ଆଜି ମୋତେ ମାରିଦେବାକୁ ବାହାରିଛ । ତୁମ ମାନବ ଜାତି ସିନା ନିଜର ସ୍ୱାର୍ଥ ପାଇଁ କାମ କରେ, ହେଲେ ମୁଁ ତ ନିଃସ୍ୱାର୍ଥପର ହୋଇ ସମସ୍ତଙ୍କ ସେବା କରି ଆସିଛି । ସତରେ ତୁମେମାନେ ମୋ ଦନେଇ ମଉସା ପରି ହୋଇପାରିବ ନାହିଁ । ଖାଲି ଶୁଣିଥିଲି ମଣିଷ ସ୍ୱାର୍ଥପର କିନ୍ତୁ ଦେଖୁନଥିଲି ତା'ର କ୍ରିୟା କାଳାପ । ମୋ' ବନ୍ଧୁ ଦନେଇ ମଉସା ମୋତେ ଯେମିତି ସିନିହ ଶରଧା କରୁଥିଲା, ସିଏ କିଛି କମ୍ କଥା ନଥିଲା, ଯେ ସେତେବେଳେ ମୁଁ ମଣିଷକୁ ସ୍ୱାର୍ଥପର ଭାବିଥା'ନ୍ତି । ତା' ପ୍ରେମରେ ମୁଁ ଏତେ ଅନ୍ଧ ହୋଇଯାଇଥିଲି ଯେ । ମୁଁ ଭୁଲି ଯାଇଥିଲି, ମୁଁ ଗୋଟିଏ ଗଛ ବୋଲି । ଯିଏ ମଣିଷ ପରି ନାଁ କଥା କହିପାରେ ନାଁ ଚାଲିପାରେ ନାଁ ନିଜର ଦୁଃଖକୁ କାହା ଆଗରେ ପ୍ରକାଶ କରିପାରେ । ପିଲାମାନଙ୍କର ବହିରୁ ଆରମ୍ଭ କରି ମଣିଷ ମନ ପର୍ଯ୍ୟନ୍ତ ସବୁଠି ମୁଁ କେବଳ ଗୋଟିଏ ଅଚଳନ୍ତି ନିର୍ଜୀବ ବସ୍ତୁ । ବଡ ବଡ ଅକ୍ଷରରେ ଲେଖା ହୋଇଛି, 'ବୃକ୍ଷ ହିଁ ଆମର ପ୍ରକୃତ ବନ୍ଧୁ ।' ହେଲେ କ'ଣ ହେବ ? ବେଳେ ବେଳେ ଭାବେ ଯଦି ସେତିକି ବି ମୋ ଭାଗ୍ୟରେ ନଥା'ନ୍ତା । ତା' ହେଲେ ହୁଏ ତ କେହିବି ଚିହ୍ନି ନଥାନ୍ତେ ମୋତେ । ଖାଲି କ'ଣ ମୋତେ ମୋ ପରିବାରର ମୋ ବନ୍ଧୁ କି ଭାଇ ଯେଉଁମାନଙ୍କର ଅବସ୍ଥା ଆଜି ମୋ ପରି ହୋଇଛି । କ'ଣ ପାଇଁ କେଜାଣି ଏ ମଣିଷ ଆମ ଉପରେ ଦାଉ ସାଧୁଛି । ମୁଁ ଜାଣିପାରୁ ନାହିଁ । ମଣିଷ ଆଜି ମଣିଷକୁ ଚିହ୍ନିବାରେ ହୁଏତ ଭୁଲ କରୁଛି । ଭୋକିଲାକୁ ଦାନାଟିଏ ଦବା ପାଇଁ ଏ ମାନବ ଜାତି ହୁଏତ କୁଣ୍ଠାବୋଧ କରୁଛି କିନ୍ତୁ ମୁଁ କି ମୋ ବନ୍ଧୁମାନେ ଏ ମାନବ ଜାତିକୁ ଖୁବ୍ ଦେଇଛୁ, କେବେ କୌଣସିଥିରେ ଅବହେଳା କରିନୁ । କି ଆଗକୁ କରିବୁ ବି ନାହିଁ । ହେଲେ କଥାରେ ନାହିଁ, ମୋତେ ଯେତେ ମାଠିବୁ ମାଠ, ମୁଁ ସେଇ ଦରପୋଡା କାଠ', 'ନୁହେଁ ତ ଆଉ କ'ଣ । ଏ ମଣିଷର ସଭାବ ପରା ସେୟା । ଯେଉଁ ଥାଳିରେ ଖାଇବ ସେହି ଥାଳିକୁ ଗୋଇଠା ମାରିବ । ଏମିତି ତା'ର ଅଭ୍ୟାସ । ନହେଲେ ଦେଖୁନୁ ସେ ଅନାମ ବାରିକ ମୋତେ କ'ଣ ଛିଃ କରିଥାନ୍ତା । କମ୍ ଦଶା ନ ଭୋଗିଛି । ହଇଜା ରୋଗ ଗୋଟେ ଡିଆଁ ରୋଗ ଭାବି ଗାଁ ଲୋକ ଯେତେବେଳେ ତା'କୁ ଆଡେଇ ଦେଲେ । ଘର ଲୋକ କେହିବି ପାଖରେ ପୁରେଇଲେ ନାହିଁ । ସେତେବେଳେ କିଏ ତା'କୁ ରଖିଲା । କିଏ ତା'କୁ ଅନେଇଲା ? ମୁଁ ଆଉ ଦନେଇ ମଉସା, କେତେ ସେବା ଯତନ ନ କରିଛୁ, ଟିକିଏ ହେଲେବି ଖରା ତା' ଦେହରେ ବାଜିବାକୁ ଦେଇନି, ଯେତେବେଳେ ଯାହା ଚାହିଁଛି ମୁଁ ଆଉ ମୋ ଦନେଇ ମଉସା ତା'ର ସେ ଅଭାବକୁ ପୂରଣ କରିଛୁ । ଦନିଆ ମଉସା ସିନା ତା'ର ଜାତିର ବୋଲି ତା' ପାଖରେ ରଖିପାରୁନଥିଲ । ଡରଥିବ କାଳେ ନିଆଁ ପାଣି ବାଛନ୍ଦ ହୋଇଯିବ, ହେଲେ ମୋ ପାଖରେ ତ ସେମିତି କିଛି ନୀତି କି ନିୟମ ନଥିଲା । ନାଁ ଥିଲା ପାତର ଅନ୍ତର ନାଁ ଥିଲା ନିଆଁ ପାଣି ବାଛନ୍ଦର ଭୟ, ଚାରିମାସ କାଳ ସିଏ ମୋରି ପାଖରେ ରହିଲା । ହେଲେ କ'ଣ ହେବ ? ଏ ବିଧିର ବିଧାନ ବଡ ବିଚିତ୍ରରେ ତାଳଗଛ । ମଣିଷ ଆମଠୁ କ'ଣ ନ ପାଉଛି କହିଲୁ ଖାଇବାକୁ, ପିନ୍ଧିବାକୁ, ରହିବାକୁ କିଛି ନାଁ କିଛି କାମରେ ଆସିଛୁ ଆମେ ଏ ମଣିଷ ପାଇଁ । ଏତେ ସବୁ ଦାନ କଳାପରେ ବି ମଣିଷକୁ ଆଉ କ'ଣ ଦରକାର ଯେ ସେ ଆମକୁ ମାରି ପକାଉଛି ।'

'ଆଚ୍ଛା ବରଗଛ ଭାଇ ଗାଁରେ ଯେଉଁମାନେ ରହୁଛନ୍ତି । ସମସ୍ତଙ୍କ ଘରେ ତ ପ୍ରାୟ ଗୋରୁ ଗାଇ ଅଛନ୍ତି ତା'ର ଗୋବରକୁ ଏମାନେ ତ ଜାଳେଣି ରୂପରେ ବ୍ୟବହାର କରୁଛନ୍ତି, ଆଉ ଆମର ବନ୍ଧୁମାନେ ଯେଉଁମାନଙ୍କର ବୟସ ହୋଇଗଲାଣି ଆଉ ଯେଉଁମାନେ ମରିଯାଉଛନ୍ତି, ସେମାନଙ୍କର ପତ୍ର ଓ କାଠ ନେଇ ବି ସେମାନେ ତାଙ୍କର ରୋଷେଇ ବାସ କରୁଛନ୍ତି, ଆମ ଦେହରୁ ଯେଉଁ ଶୁଖିଲା ପତ୍ର ଝଡିଯାଉଛ ତାକୁ ତ ବ୍ୟବହାର କରୁଛନ୍ତି । ହେଲେ ସିଏ ଏ କଥା କେବେବି




ଭାବୁନାହାଁନ୍ତି କି ବରଗଛ ଭାଇ ଯଦି ଆମେ ରହିବୁନାହିଁ ତା' ହେଲେ ଗାଁ ଗହଳିରେ ଗୋରୁମାନେ ଖାଇବେ କ'ଣ ? ଆମକୁ ଯଦି ସେମାନେ ଏହିପରି ଭାବରେ ମାରିଦେବେ ତା' ହେଲେ ଆମ ବଂଶ ତ ପୁରା ଲୋପ ପାଇଯିବ ଆଉ ସେତେବେଳେ, କମିତି ବଂଚିବେ ସେମାନେ ?', 'ତୁ ଜାଣିନୁ କି ତାଳଗଛ ଏ ମଣିଷ ଯେତିକି ସ୍ୱାର୍ଥପର ସେତିକି ଚତୁର । ଏ ବିଜ୍ଞାନ ଯୁଗରେ ସିଏ ଖୁବ୍ ଆଗକୁ ବଢିଛି । ନୂଆ ନୂଆ କୌଶଳ ବ୍ୟବହାର କରି କେତେ ଉପକରଣ ସିଏ ବାହାର କଲଣି । ତଥାପି ଏ ମଣିଷ ଆମକୁ ନଷ୍ଟ କରୁଛି ।' 'ହେଲେ ବରଗଛ ଭାଇ ମୁଁ ବୁଝିପାରିଲିନି ତୁମେ ତ କହିଲ କି, ଏ ମଣିଷ ନୂଆ ନୂଆ ଜ୍ଞାନ ସାହାଯ୍ୟରେ କେତେ ଉପକରଣ ବାହାର କଲାଣି ତେବେ ଆମକୁ କାହିଁକି ତା' ହେଲେ ମାରି ଦେଉଛି ।' 'ଏତିକି ବୁଝିପାରିଲନି, ଆଚ୍ଛା, କହିଲୁ ଆମକୁ କାଲି ସକାଳେ ମାରିଦେବେ ଆଉ ଆମର ଛୋଟ ଛୋଟ ବନ୍ଧୁମାନଙ୍କୁ ସବୁଦିନ ପାଇଁ ଏ ମାଟିରେ ମିଶେଇ ଦେବେ କ'ଣ ପାଇଁ ? କାରଣ ଦନେଇ ମଉସାର ସହରୀ ପୁଅ ଏଠି କୁଆଡେ ଗୋଟିଏ କାରଖାନା ଖୋଲିବ ଯହାଦ୍ୱାରା ଆମ ଗାଁର ଲୋକମାନେ ପେଟକୁ ମୁଠାଏ ଦାନା ଓ ଦେହକୁ ଖଣ୍ଡେ କନା ଆତି ସହଜରେ ପାଇ ପାରିବେ ।' 'କୋଉଁଠୁ ପାଇବେ, ବରଗଛ ଭାଇ !' 'ଦନେଇ ମଉସାର ସହରୀ ପୁଅ ପରା ଦବ । ମିଛ । ସବୁ ମିଛ । ମଣିଷ ମୂର୍ଖ ହୋଇଗଲାଣି । ବୁଦ୍ଧି ବିବେକ ବୋଲି କିଛି ନାହିଁ । ତୁ କହିବୁ ତ ଟିକିଏ, ଏ ମଣିଷ କାହାଠାରୁ ଖାଦ୍ୟ ପାଉଛି । କାହାଠାରୁ ପିନ୍ଧିବାକୁ ପାଉଛି କାହାଠାରୁ ନିଜର ତୃଷ୍ଣା ନିବାରଣ କରୁଛି, ତାହା କେବଳ ଆମମାନଙ୍କ ଠାରୁ ବା ଆମରି ଜାତିଠାରୁ । ଯଦି ଆମେ ନ ରହିବୁ ତା' ହେଲେ କିଏ ଏ ମଣିଷ ଜାତିଙ୍କ ଦୁଃଖ ବୁଝିବ । ବିଧାତା ପରା ତାଙ୍କରି ପାଇଁ ଆମକୁ ଜନ୍ମ ଦେଇଛି । ଯଦି ସିଏ ଆମକୁ ମାରିବେ ତା' ହେଲେ କେମିତି ବଂଚିବ ତାଙ୍କ ଜୀବନ । ଭାବୁନୁ ଟିକେ ଯଦି ଏ ପୃଥିବୀରେ ଆମେ ରହିବୁନି ତା' ହେଲେ ଏ ପୃଥିବୀର ଅବସ୍ଥା କ'ଣ ହେବ ? କେମିତି ବଂଚିବେ ଏ ଜୀବଜନ୍ତୁ, କେମିତି ବଂଚିବେ ଏ ମଣିଷମାନେ ?

କେମିତି ଭଲ ଖାଇବେ କେମିତି ଭଲ ପିନ୍ଧିବେ ? କ'ଣ କାରଖାନା ଗଢି ?' ହଁ ବରଗଛ ଭାଇ ତୁମେ ଠିକ୍ କଥା କହିଛ, 'କାରଖାନା ଗଢି ମଣିଷ ସିନା ଭଲ ରୋଜଗାର କରିବ ହେଲେ ଖାଇବ କ'ଣ ଆମେମାନେ ସିନା ରହିଲେ ସିଏ ଖାଦ୍ୟର ଉପାଦାନ ପାଇବ । ନହେଲେ ଏ ମଣିଷ ଜାତି ଅବସ୍ଥା ବି ଦିନେ ଆମରି ପରି ନିଃଶେଷ ହୋଇଯିବ ଯଦି ସିଏ ବୁଝିବନି ଆମର ଗୁରୁତ୍ୱ କି ଜାଣିବନି ଆମର ମୂଲ୍ୟ । ଆଉ ରହିଲା ଦନେଇ ମଉସା ସହରୀ ପୁଅ କଥା, କେତେ କଷ୍ଟ କେତେ ଦୁଃଖ ସହି ତା'କୁ ମଣିଷ ନ କରିଛି ।

ତା' ପୁଅ ପାଇଁ ସିଏ ଯେତିକି ପରିଶ୍ରମ କରିଛି, ଆମ ପାଇଁ ମଧ୍ୟ ସେତିକି ପରିଶ୍ରମ କରିଛି । ହଁ ବରଗଛ ଭାଇ ମୁଁ କ'ଣ ଜାଣିନି ଆମର ଭଲ ଯତ୍ନ ନେଇପାରୁଥିଲା ବୋଲି ଆମକୁ କେତେ ଶରଧା କରୁଥିଲା ବୋଲି, ତା'କୁ ପରା କ'ଣ ଗୋଟାଏ ପ୍ରକୃତି ବନ୍ଧୁ ପୁରସ୍କାର ମିଳିଥିଲା । ହଁ ଏଇ ଦେଖୁନୁ ପୁଅ ତା'ର କାଲି କୁଆଡେ ଆମ ସମସ୍ତଙ୍କୁ

ମାରିଦେବ । ଏ ବଡ କାମ ପାଇଁ ତା' ପୁଅ କୁଆଡେ ସହରକୁ ଯାଇଛି । ଆମରି ଧନ୍ଦାରେ ପରା ତିନିଦିନ ହେବ ଠିକ୍‌ସେ ଖିଆପିଆ ବି କରୁନି । ନ ହେଲେ ତୁ କହୁନୁ ମୁଣ୍ଡ ଝାଳ ତୁଣ୍ଡରେ ମାରି ଏ ଜଙ୍ଗଲଟାକୁ ତା ହାତରେ ଗଢିଥିଲା । କେତେ ମାସ କେତେ ବରଷ ତା'କୁ ନ ଲାଗିଛି । ଆଉ ତା' ପୁଅ ଗୋଟିଏ କ୍ଷଣରେ ତା'ର ପରିଶ୍ରମକୁ ମାଟିରେ ମିଶେଇ ଦେବାକୁ ଯାଉଛି । କଷ୍ଟ ହେବନି । ସେଇଥିପାଇଁ ସେ ପୁରସ୍କାରକୁ ମୋରି କୋଳରେ ଥୋଇ ଦେଇ ଯାଇଛି । କହିଲା ତମରିମାନଙ୍କ ସେବା ଯତନ କରି ଆଉ ତମରି ମାନଙ୍କ ଖୁସି ପାଇଁ ତ ଏ ପୁରସ୍କାର ପାଇଥିଲି, ଯଦି ତୁମେମାନେ ନ ରହିବ ତା' ହେଲେ ଏ ପୁରସ୍କାର ମୋର କ'ଣ ହେବ ।' 'ହଁ ବରଗଛ ଭାଇ ତୁମେ ଠିକ୍ କଥା କହିଛ ଦନେଇ ମଉସା ପରି ସତରେ ଖୁବ୍ କମ୍ ଲୋକ ଥିବେ ଏ ଗାଁରେ, ଯେଉଁମାନେ ଆମକୁ ତାଙ୍କର ସନ୍ତାନ ପରି ସେହ୍ନ କରନ୍ତି । ଆମ ପରିବେଶକୁ ବଂଚେଇବାକୁ ଚାହାଁନ୍ତି ।' 'ହଁ ତୁ ଠିକ୍ କହିଛୁ ତାଳଗଛ । ଦନେଇ ମଉସା ପରି ବନ୍ଧୁ କ'ଣ ଆଉ ମିଳିବେ ନାଁ ଜୀବନ ବଂଚିବ । ତେଣିକି ଆମ ଭାଗ୍ୟ ।' 'ଆରେ ବରଗଛ ଭାଇ ଦେଖିଲ ଟିକେ ଦୂରକୁ କିଏ ଗୋଟେ ଦୌଡି ଦୌଡି ଆମରି ଆଡେ ବୋଧେ ଆସୁଛି ।' ଆରେ ହଁ ତ, ଆରେ ଇଏତ ମୋ ବନ୍ଧୁ । ଦନେଇ ମଉସା ।' ଦନେଇ ମଉସା କ'ଣ ଭାରି ଖୁସି ଜଣା ପଡୁଛନ୍ତି । ହଁ ତ ମୋ ବନ୍ଧୁ ଆଜି ଭାରି ଖୁସି ଜଣାପଡୁଛି । କଥା କ'ଣ ? 'ମୋ ପୁରସ୍କାର ମୁଁ ଫେରେଇ ନେବାକୁ ଆସିଛି ।' 'ଫେରେଇ ନେବାକୁ!' 'ହଁ ଫେରେଇ ନେବାକୁ । କାହିଁକି ଜାଣିଛୁ ?' 'କାହିଁକି ବନ୍ଧୁ ।' 'କାରଣ ତୁମକୁ ଆଉ ସେମାନେ ମାରିବେନି । ତମେ କୁଆଡେ ସବୁ ସରକାରଙ୍କ ହାତରେ । ସରକାରଙ୍କ ଆଦେଶ, ତମକୁ କେହି ବି ହାତ ଦେଇ ପାରିବେନି । ମୋ ପୁଅ ନୁହେଁ ଆଉ ଏ କଥା ବି ସରକାର କହିଛନ୍ତି ତମେ ଖାଲି ଏ ପରିବେଶ ର ବନ୍ଧୁ ନୁହେଁ, ଆଜିଠୁ ଏ ଗାଁର ସମସ୍ତଙ୍କର ବନ୍ଧୁ । ଜାଣିଛ ବରଗଛ ଆଉ ତାଳଗଛ ମୋ ପୁଅ ତା' ଭୁଲ ବୁଝିପାରିଛି । ସିଏ ଯେତେବେଳେ ଜାଣିଲା ତା' ବାପା ପରି ତମେମାନେ ବି ତା'କୁ ଖାଇବାକୁ ଦେଇଛ । ପିନ୍ଧିବାକୁ ଦେଇଛ ତା'କୁ ମଣିଷ କରିଛ ଆଉ ସେ ଯେତେବେଳେ ଜାଣିଲା ତମରିମାନଙ୍କ ପାଇଁ ଏ ବୁଢାଟା ବଂଚିଛି । ଆଉ ତା'କୁ ବି ବଂଚେଇ ରଖିଛି ବୋଲି ସେତେବେଳେ ସିଏ ତା' ଭୁଲ





ବୁଝିପାରିଲା । ଆଉ ସେଇଥିପାଇଁ ପରା ସିଏ ନିଜେ ଆସୁଛି ତମମାନଙ୍କ ପାଖକୁ ଭୁଲ୍ ମାଗିବାକୁ ।' ଦନେଇ ମଉସାଠାରୁ ଏ ସବୁ କଥାଶୁଣି ଆମକୁ ବହୁତ ଖୁସି ଲାଗିଲା । ଧନ୍ୟବାଦ କଲୁ ଆମେ ଦନେଇ ମଉସାକୁ ଆଉ ତା' ପୁଅକୁ । ସେହିଦିନଠୁ ଆମ ଦେହରେ କେହିବି ଆଜିଯାଏ ହାତ ଦେଇନାହାନ୍ତି । ମୋ ଦେହରେ କେତେ ନାନା ରଙ୍ଗ ବେରଙ୍ଗର ପକ୍ଷୀ ସବୁ ବସା ବାନ୍ଧିଲେଣି । ଠିକ୍ ପୂର୍ବପରି କେତେ ଗାଈ ଗୋରୁ କେତେ ବାଟୋଇ ମୋ କୋଳରେ ଆଶ୍ରୟ ନେଉଛନ୍ତି । ହଁ ବରଗଛ ଭାଇ ମୋତେ ଆଉ ମୋର ଭାଇମାନଙ୍କୁ ଏ ଗାଁ ଲୋକବି ଖୁବ୍ ଭଲପାଉଛନ୍ତି । ଠିକ୍ ଦନେଇ ମଉସା ଆଉ ତା'ପୁଅ ପରି । ଏବେ ଏ ଗାଁ ଅନ୍ୟମାନଙ୍କ ଠାରୁ ବହୁତ ସୁନ୍ଦର ଦେଖାଯାଉଛି ନାହିଁରେ ତାଳଗଛ' ହଁ ବରଗଛ ଭାଇ ଏ ସବୁତ ଏହି ଗାଁ ଲୋକଙ୍କ ପାଇଁ ସମ୍ଭବ ହେଲା ।ସେମାନେ ଆଉ ଆମକୁ କାଟୁ ନାହାନ୍ତି । ଆମର ଶୁଖିଲା ଡାଳ ଓ ପତ୍ରକୁ କେବଳ ବ୍ୟବହାର କରୁଛନ୍ତି । ଏତେ ବଡ ବଡ କୋଠା ହେଲାଣି କିନ୍ତୁ ଏ ଗାଁର ପ୍ରତ୍ୟେକ ଲୋକ ଆମକୁ ସେମିତି ଭଲପାଉଛନ୍ତି । ତିନିପୀଢି ଟପି ଗଲାଣି, ଦନେଇ ମଉସା ବି କେବେଠୁ ଚାଲିଗଲାଣି । ଆମ୍ଭେମାନେବି ବୁଢା ହୋଇଗଲୁଣି । ତମକୁ ବୁଢା ବରଗଛ ଆଉ ମୋତେ ବୁଢା ତାଳଗଛ ବୋଲି ଡାକୁଛନ୍ତି । କେତେ ଖୁସି ଲାଗୁଛି । ଏ ଗାଁ ଲୋକମାନଙ୍କ ପରି ଏ ଗାଁ ପିଲାମାନେ ମଧ୍ୟ ଆମକୁ ବେଶ୍ ବୁଝିଗଲେଣି, ଆମେ କେମିତି ଭଲରେ ରହିବା । ଆମ ବଂଶ କେମିତି ଲୋପ ନପାଇବ । ସେ ବିଷୟରେ ମଧ୍ୟ ଜ୍ଞାନ ଆହରଣ କରିବା ସହିତ ବେଶ୍ ସଚେତନ ହୋଇଗଲେଣି ।'

'ବର୍ଷକ ବାର ମାସ ଛଅ ଋତୁ । ଆଜି କାଲି କୁଆଡେ କୋଉ ଋତୁ କେତେବେଳେ ଆସୁଛି ସେ ବିଷୟରେ ଜାଣିବା ଖୁବ୍ କଷ୍ଟକର ହୋଇଗଲାଣି । ଆମକୁ ନଷ୍ଟକରିବା ଦ୍ୱାରା ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ଏ ଲୋକଗୁଡାଙ୍କୁ । ଆମେ ନ ରହିଲେ ପରିବେଶ ପ୍ରଦୂଷଣ ହେଉଛି । ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛନ୍ତି ମଣିଷ ଓ ପଶୁ ପକ୍ଷୀମାନେ । ନୂଆ ନୂଆ ରୋଗର ନିରାକରଣ ପାଇଁ ବିଭିନ୍ନ ଔଷଧୀୟ ବୃକ୍ଷର ମଧ୍ୟ ଆବଶ୍ୟକତା ରହିଛି । ଜଙ୍ଗଲ ନଷ୍ଟ ହେବା ଦ୍ୱାରା ମାଟି ମା' କ୍ଷୟ ହେବାରେ ଲାଗିଛି । ଆମେ ଛାଡୁଥିବା ଅମ୍ଳଜାନ ଗ୍ୟାସ ମଣିଷର ନିଶ୍ୱାସ ପ୍ରଶ୍ୱାସରେ ସହାୟକ ହୋଇଥାଏ । ଯଦି ଆମେ ନରହିବୁ, ତା'ହେଲେ ସିଏ ବଂଚିପାରିବ ନାହିଁ । ଇତ୍ୟାଦି ଇତ୍ୟାଦି ।'

'ଯଦି ଏତେ ଉପକାରରେ ଆମେ ଆସୁଛୁ ତଥାପି କାହିଁକି ସେ ଆମକୁ ମାରିଦେଉଛି । ଏ ପ୍ରକୃତିରାଣୀ ପରା ଆଜି ଆମରି ପାଇଁ ହସୁଛି । ଆଉ ତୁମେ କ'ଣ ଚାହୁଁଛ ସିଏ ତା'ଓଠରୁ ହସ ଭୁଲି, ଆଖିରେ ଲୁହ ଆଣୁ ବୋଲି । ତେଣୁ ମୋର ଏତିକି ଅନୁରୋଧ ବନ୍ଧୁ ମୋତେ ଟିକେ ରହିବାକୁ ଦିଅ । ନହେଲେ ତୁମେ କହୁନ ବନ୍ଧୁ ଆମେ କ'ଣ ତୁମ ପାଖରୁ କିଛି ନେଇଯିବା ପାଇଁ ଆସିଛୁ କି ? ବରଂ ଭଗବାନ ତ ଆମକୁ

ତୁମରି ମାନଙ୍କ ପାଇଁ ଏ ପୃଥିବୀ ପୃଷ୍ଠକୁ ଛାଡିଛନ୍ତି । ମୋତେ ଦେଖୁନ ମୁଁ ତ ବୁଢା ହେଲିଣି ମୋର ବୟସ ବା ଆଉ କେତେ ମରିଗଲେ ମୁଁ କ'ଣ ତୁମର ହେବିନିଯେ ବଂଚି ଆଉ ଆଉ ମୋତେ ଆଉ ମୋ ଭାଇ ମାନଙ୍କୁ ମାରି ଦେଉଛ । ତମେ ପରା ମଣିଷ ତମକୁ ଭଗବାନ ସେ ଶକ୍ତି ଦେଇଛନ୍ତି ଯେଉଁ ଶକ୍ତି ବଳରେ ଆମ ପରି ନିର୍ବାକ ଉଦ୍ଭିଦ ଓ ଜୀବଜନ୍ତୁମାନଙ୍କ ଦୁଃଖ ଟିକେ ବୁଝିପାରିବ ବୋଲି ।'

'ହଁ ବରଗଛ ଭାଇ ତୁମେ ଠିକ କହୁଛ ଆମେ ସିନା ବଂଚି ଗଲୁ ହେଲେ ଆମ ଭାଇମାନଙ୍କ ଅବସ୍ଥା କ'ଣ ହେବ ? ଏ ମଣିଷ କ'ଣ ସତରେ ଆମକଥା ରଖିବ ।' 'କାହିଁକି ରଖିବନି ? ଦନେଇ ମଉସା ସହରୀ ପୁଅତ ବଦଳି ପାରିଲା । ଏ ଗାଁ ଲୋକମାନେ ତ ବଦଳି ପାରିଲେ । ତା'ହେଲେ ଆମକୁ ମାରିବାକୁ ଚାହୁଁଥିବା ଲୋକମାନେ ବି କାହିଁକି ବଦଳି ନପାରିବେ । ଯାହା ଦେଖାଇବାର ଥିଲା । ଆଉ ଯାହା କହିବାର ଥିଲା , ତାହା ତ ମୁଁ କହିଦେଇଛି । ଶେଷରେ ମଁ ଏତିକି କହିବି–

ପୃଥିବୀ ପୃଷ୍ଠରୁ ଏ ବୃକ୍ଷଜଗତ
ଅଦୃଶ୍ୟ ହୋଇଲେ ପାଇବ ଅନେକ କଷ୍ଟ
ସୁଝି ପାରିବନି ଆମରି ଋଣ ଯେ
ସେଥିପାଇଁ କେବେ କରନି ଜଙ୍ଗଲ ନଷ୍ଟ
ନିଷ୍ଠୁର ନହୋଇ ପ୍ରକୃତି ବଂଚାଅ
କରିଛୁ ଆମେରେ ଅନେକ ଦାନ
କର ନାହିଁ ଆମ ଅଙ୍ଗ ଛେଦନରେ
କରନା ଆମକୁ ଏତେ ହୀନିମାନ
'ମୁଁ ବୁଢା ବରଗଛ କଥା ମୋର ଶୁଣ
ସ୍ୱାର୍ଥହୀନ ଜୀବ ମୁହିଁ ଜଗତେ
ଏତିକି ବୁଢାର ରଖ ନିବେଦନ
ତୁମ ପରିବେଶ ତୁମରି ହାତେ

ବିଦ୍ୟାଧରପୁର,
କଟକ

●



RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଆ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ